ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.52 Bhubaneswar Thursday March 30 2023 | ୨୬ତମ ବର୍ଷ ସଂଖ୍ୟା–୫୨ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୩୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ସୁବ୍ରତ ଛାଟୋଇଙ୍କ 'ବଣିକ୍' ଉପରେ ଜିଏସଟି ଚଢ଼ଉ, ବିଜେଡିରେ କମ୍ପନ

ଭୁବନେଶ୍ୱର, ୨୯।୩(ପି.ଏନ): ବିଜେଡି ଆଇଟି ସେଲ୍ ପୂର୍ବତନ ମୁଖ୍ୟ ତଥା ବିଜେଡି ସଂଗଠନ ସମ୍ପାଦକଙ୍କ ଖାସ୍ ଅନୁଗତ ସୁବ୍ରତ କୁମାର ଛାଟୋଇଙ୍କ 'ବଣିକ୍' କୋଚିଂ ସେଣ୍ଟର ଉପରେ କେନ୍ଦ୍ରୀୟ ଜିଏସଟି ଚଢ଼ଉ କରିବା ପରେ ଶାସକ ବିଜେଡିରେ କମ୍ପନ ସୃଷ୍ଟି ହୋଇଛି। ସୁବ୍ରତ ଓ ସୀତା ଲତା ଛାଟୋଇଙ୍କ ମାଲିକାନାରେ ଥିବା 'ବଣିକ୍' ଏଜୁକେସନ୍ ପ୍ରାଇଭେଟ୍ ଲିମିଟେଡ୍ ଓ 'ବଣିକ୍' ପବ୍ଲିକେସନ୍ ପ୍ରାଃ ଲିମିଟେଡ ନାମକ ଦୁଇଟି କମ୍ପାନୀ ଉପରେ ଜିଏସଟି ଫାଙ୍କିବାର ସନ୍ଦେହ କରି ଏହି ଚଢ଼ଉ ହୋଇଥିବା ଜଣାପଡିଛି। ତେବେ ସୁବ୍ରତଙ୍କ ବ୍ୟବସାୟିକ ସମ୍ପୃକ୍ତି ସିଧାସଳଖ ବିଜେଡି ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ ଓ ତାଙ୍କ ବ୍ୟକ୍ତିଗତ କର୍ମଚାରୀମାନଙ୍କ ସହ ରହିଥିବାରୁ ଏହା ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି । ଜିଏସଟି ଇଣ୍ଟେଲିଜେନ୍ସ ଅତିରିକ୍ତ ମହାନିର୍ଦ୍ଦେଶକ ଦେବାଶୀଷ ସାହୁ ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଗତକାଲି 'ବଣିକ୍ କୋଚିଂ ସେଣ୍ଟର' ସହ ଜଡିତ ୨ଟି ସ୍ଥାନରେ କେନ୍ଦ୍ରୀୟ ଜିଏସଟି ଟିମ୍ ଦ୍ୱାରା ଚଢ଼ଉ ହୋଇଥିଲା। ଏଭଳି ପ୍ରାୟ ୧୦ଟି ଚ ?ଉ ନିୟମିତ ଭାବେ ପ୍ରତିମାସରେ ହୁଏ। ବିଭିନ୍ନ ସୂତ୍ରରୁ ମିଳୁଥିବା ଗୁଇନ୍ଦା ତଥ୍ୟ (କମ୍ପ୍ୟୁଟର ସିଷ୍ଟମରୁ ମିଳୁଥିବା



ତଥ୍ୟ ବି ସାମିଲ)କୁ ଆଧାର କରି ଏହି ଚଢ଼ଉ କରାଯାଇଥାଏ। ଏବେ ସମ୍ପୃକ୍ତ ସଂସ୍ଥା କ'ଣ ନିରୁଦ୍ଦିଷ୍ଟ ଭାବେ ଠକେଇ କରିଛି ତାହା କହିବା ସମ୍ଭବପର ନୁହେଁ। ଦସ୍ତାବିଜ ଜବତ କରାଯାଇଛି ଓ ସେସବୁକୁ ଅନୁଧ୍ୟାନ କରାଯିବା ପରେ ହିଁ ଯାହାକିଛି ସଠିକ୍ ତଥ୍ୟ ଦେଇହେବ। ଯେଉଁଠି କିଛି ଟିକସ ଫାଙ୍କିର ସନ୍ଦେହ ଥାଏ ସେଠାରେ ଚଢ଼ଉ କରାଯାଉଛି। ୨୦୨୨–୨୩ ଆର୍ଥିକ ବର୍ଷରେ ଓଡିଶାରେ ପ୍ରାୟ ୧୦ ହଜାର କୋଟି ଟଙ୍କାର କଳା କାରବାର ହୋଇଛି। ଯେଉଁଥିରେ ୨୨୦୦କୋଟି ଟଙ୍କାର ଜିଏସଟି ଫାଙ୍କିବା ରହିଛି। ସେହିପରି ଛତିଶଗଡରେ ପ୍ରାୟ ୫–୬ ହଜାର କୋଟି ଟଙ୍କାର କଳା କାରବାର ହୋଇଛି ଓ ସେଥିରେ ପ୍ରାୟ ୧୨୦୦କୋଟି ଟଙ୍କା ଜିଏସଟି ଫାଙ୍କି ସାମିଲ ରହିଛି। ତେଣୁ ଏହି ସଂସ୍ଥା ସହ ଜଡିତ ଜିଏସଟି ତଥ୍ୟକୁ ସମ୍ପୂର୍ଣ୍ଣ ଯାଞ୍ଚ ପରେ ଆବଶ୍ୟକ ସୂଚନା ଦିଆଯିବ ବୋଲି ଶ୍ରୀ ସାହୁ କହିଛନ୍ତି । ଏପଟେ 'ବଣିକ୍ କୋଚିଂ ସେଣ୍ଟର' ଉପରେ ଜିଏସଟି ଚଢ଼ଉକୁ ନେଇ ଆଜି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କଡା ଭାଷାରେ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିଧାନସଭାରେ ତାଙ୍କ ଦଳ ଏହି କୋଚିଂ ସେଂଟରକୁ ତଦନ୍ତ ପରିସରଭୁକ୍ତ କରିବା କଥା ଉଠାଇବ। ରାଜ୍ୟରେ ସମସ୍ତ ନିଯୁକ୍ତି ଜାଲିଆତିରେ ବିଜେଡି ନେତାମାନଙ୍କ ସମ୍ପୃକ୍ତି ରହିଛି। ସୁବ୍ରତ ଛାଟୋଇ ହେଉଛି ବିଜେଡି ଆଇଟି ସେଲ୍ ସଦସ୍ୟ । ତାଙ୍କ ପଛରେ ବିଜେଡିର ବଡବଡ ଲୋକ ଅଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ନିଯୁକ୍ତି ଯାହା ଓପିଏସସି ଓ ଓଡିଶା ଷ୍ଟାଫ ସିଲେକ୍ସନ୍ ଦ୍ୱାରା ହେଉଛି ଅବା ଅନ୍ୟାନ୍ୟ ସରକାରୀ ଚାକିରି ଯାହା ବାହାରୁଛି ସେଥିରେ ସେମାନଙ୍କୁ ଶତପ୍ରତିଶତ ନିଯୁକ୍ତି ମିଳିବ ବୋଲି ଭାନିକ୍ କୋଚିଂ ସେଂଟରରେ ପଢୁଥିବା ପିଲାମାନଙ୍କୁ ପ୍ରତିଶ୍ରୁତି ଦିଆଯାଇ ଆଡମିଶନ କରାଯାଉଛି । ଏସବୁ ପ୍ରସଙ୍ଗକୁ ତାଙ୍କ ଦଳ ପକ୍ଷରୁ ବିଧାନସଭାରେ ଉତଥାପନ କରାଯିବ।

## ରଥଯାତ୍ରାକୁ ମିଳିବ କି ୟୁନେସ୍କ ମାନ୍ୟତା ?

ଭୁବନେଶ୍ୱର, ୨୯।୩(ପି.ଏନ): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ମିଳିବ କି ୟୁନେସ୍କରର ମାନ୍ୟତା ମହାପ୍ରଭୁ ଜଗନ୍ନାଥଙ୍କ ଚଳିତବର୍ଷ ରଥଯାତ୍ରାକୁ ୟୁନେସ୍କ ମାନ୍ୟତା କେମିତି ମିଳିବ, ସେନେଇ ପ୍ରକ୍ରିୟା ଆରମ୍ଭ କରିଛି ମନ୍ଦିର ପ୍ରଶାସନ। ଆଜି ରଥଯାତ୍ରା ୨୦୨୩ ନିମନ୍ତେ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକ ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ଆକ୍ସନ ପ୍ଲାନ ରିପୋର୍ଟ ପ୍ରଥମ ରଥ ସମନ୍ୱୟ ବୈଠକ ପୂର୍ବରୁ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା। ଏଥିସହ ମନ୍ଦିର ପ୍ରଶାସନ ମଧ୍ୟ ୟୁନେସ୍କ ମାନ୍ୟତା ଚଳିତ ବର୍ଷ ହାସଲ କରିବା ପାଇଁ ସବୁ ପ୍ରକାରର ପ୍ରୟାସ ଆରମ୍ଭ କରିଛି। ଚଳିତ ବର୍ଷ ରଥଯାତ୍ରାକୁ ୟୁନେସ୍କ ମାନ୍ୟତା ମିଳିବ ବୋଲି କୁହାଯାଉଛି। ଏଥିପାଇଁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ



ସ୍ୱତନ୍ତ୍ର କମିଟି ଗଠନ କରାଯାଇ ରଥଯାତ୍ରା ସମ୍ବନ୍ଧୀୟ ତଥ୍ୟ ଓ ଏହାର ସମସ୍ତ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରାଯାଇଛି। ଏହାକୁ ୟୁନେସ୍କକୁ ମଧ୍ୟ ପଠାଯାଇଛି। ୟୁନେସ୍କ ଏହାକୁ ଦେଖିବା ପରେ ରଥଯାତ୍ରାକୁ ସ୍ୱତନ୍ତ୍ର ମାନ୍ୟତା ଦେବ ବୋଲି ସମସ୍ତେ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ରଥଯାତ୍ରା ପୂର୍ବରୁ ସହରରେ ଥିବା ବିପଦ ସଂକୁଳ କୋଠା ଗୁଡିକୁ ଚିହ୍ନଟ କରାଯାଇଥିବା ବେଳେ ଏହାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବା ନେଇ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ମାସ ଏପ୍ରିଲ ୨୩ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ପଡୁଥିବାରୁ ତା'ପୂର୍ବରୁ ଭୋଇ ସେବକ ଓ ମହାରଣା ସେବକଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରଥମ ପ୍ରସ୍ତୁତି ବୈଠକ ପରେ ସୂଚନା ଦେଇଛନ୍ତି ଜିଲ୍ଲାପାଳ ବର୍ମା।

## ୩୧ରେ ସର୍ବାଧିକ ପ୍ରଭାବ ପକାଇବ ପଶ୍ଚିମା ଝଡ଼

ଭୁବନେଶ୍ୱର, ୨୯।୩(ପି.ଏନ): ପଶ୍ଚିମା ଝଡ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି ବିଜୁଳି ସହ ବର୍ଷା ଜାରି ରହିଛି। ତେବେ ଆସନ୍ତା ୩୧ମାର୍ଚ୍ଚ ରେ ପଶ୍ଚିମାଝଡ଼ର ସର୍ବାଧିକ ପ୍ରଭାବ ଦେଖିବାକୁ ମିଳିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୩୧ ତାରିଖରେ କିଛି ଜିଲ୍ଲାରେ କୁଆପଥର ବର୍ଷା, ତଥା ଭାରିବର୍ଷା (୭ ରୁ ୧୧ ସେମି) ସମ୍ଭାବନା ସହ ସମସ୍ତ ଜିଲ୍ଲାରେ ବିଜୁଳି ଘଡଘଡିର ସମ୍ଭାବନା ରହିଛି। ଏହାସହ ଝଡ ପବନ ଘଂଟା ପ୍ରତି ବେଗ ୪୦ ରୁ ୫୦ କିମି ରହିପାରେ ବୋଲି ସୂଚନା ଦେଇଛି ପାଣିପାଗ ବିଭାଗ। ପାଣିପାଗ ବିଭାଗ ଜାରି କରିଥିବା ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଗଂଜାମ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୩୦ ତାରିଖରେ ନୂଆପଡା, ବରଗଡ, ଝାରସୁଗୁଡା, ବଲାଙ୍ଗିର, ସୋନପୁର, ସମ୍ବଲପୁର, ସୁନ୍ଦରଗଡ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି।

### ବଡେଇ ବାଙ୍କ ଛକରେ ଅଟକିଲା ରୁକୁଣା ରଥ

ଭୁବନେଶ୍ୱର, ୨୯।୩(ପି.ଏନ): ପବିତ୍ର ଅଶୋକାଷ୍ଟମୀ ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡେଇ ବାଙ୍କ ଛକରେ ଅଟକି ରହିଲା ରୁକୁଣା ରଥ। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ମାଉସୀମା' ଛକରେ ପହଂଚି ପାରିନଥିଲା। ଆସନ୍ତାକାଲି ସକାଳେ ପୁଣି ରଥଟଣା ହେବ। ନୀତିକାନ୍ତିରେ ଅହେତୁକ ବିଳମ୍ବ ଯୋଗୁଁ ଆଜି ରଥଟଣା ବିଳମ୍ବରେ ଆରମ୍ଭ ହୋଇଥିଲା।ବୁଧବାର ୩ଟା ୩୦ରେ ରଥଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଂଟ ହୋଇଥିଲା। କିନ୍ତୁ ନୀତିକାନ୍ତିରେ ବିଳମ୍ବ ଯୋଗୁଁ ୫ଟା ୧୫ରେ ରଥଟଣା ଆରମ୍ଭ ହୋଇଥିଲା। ରୁକୁଣା ରଥ ଦେଖିବା ଲାଗି ଭକ୍ତଙ୍କ ମଧ୍ୟରେ ଆଜି ସକାଳୁ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ଆଜି ଦିନ ତମାମ ଚଳଚଳଂଚଳ ହୋଇଥିଲା ଏକାମ୍ର କ୍ଷେତ୍ର । ରୁକୁଣା ରଥଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ସହ ୧୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥଲେ।

### ରମାଦେବୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୨୯।୩(ପି.ଏନ): ଭୁବନେଶ୍ୱର ସ୍ଥିତ ରମାଦେବୀ ଉଚ୍ଚ ମାଧ୍ୟମିକ ସ୍କୁଲର ଜନୈକ +୨ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସ୍କୁଲ ହଷ୍ଟେଲର ପଙ୍ଖାରେ ଝୁଲନ୍ତା ଅବସ୍ଥାରେ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ଛାତ୍ରୀ ଜଣକ ହେଲେ ରାୟଗଡାର ପ୍ରଜ୍ଞା ମହାନ୍ତି ଓ ସେ +୨ ଦ୍ୱିତୀୟ ବର୍ଷ କଳାରେ ପଢୁଥିଲେ। ପ୍ରାଥମିକ ଭାବେ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ମେ ୧୦ରେ ଝାରସୁଗୁଡା ଉପନିର୍ବାଚନ

ଭୁବନେଶ୍ୱର, ୨୯।୩(ପି.ଏନ):ଆସନ୍ତା ମେ' ୧୦ ତାରିଖରେ ଝାରସୁଗୁଡାରେ ଉପ–ନିର୍ବାଚନ ହେବ। ମେ'୧୦ରେ ନିର୍ବାଚନ ହେବାକୁ ଥିବା ବେଳେ ମେ' ୧୩ ତାରିଖରେ ଗଣତି ପରେ ସେହିଦିନ ଫଳାଫଳ ପ୍ରକାଶ ପାଇବ। ଏନେଇ ବୁଧବାର ତାରିଖ ଘୋଷଣା କରିଛନ୍ତି ନିର୍ବାଚନ ଆୟୋଗ। ବୁଧବାର ଦିନ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ସୂଚନା ଦେଇ କହିଛନ୍ତି ଝାରସୁଗୁଡାରେ ଉପ–ନିର୍ବାଚନ ପାଇଁ ଏପ୍ରିଲ ୧୩ରେ ପ୍ରକାଶ ନିର୍ବାଚନ ବିଜ୍ଞପ୍ତି ପାଇବ। ଏପ୍ରିଲ ୨୦ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହେବ। ୨୧ରେ ଯାଂଚ, ୨୪ ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର ପାଇଁ ସମୟ ଦିଆଯାଇଛି। ମେ ୧୦ ତାରିଖରେ ଭୋଟ୍ ଗ୍ରହଣ ପରେ ମେ' ୧୩ରେ ଭୋଟ ଗଣତି ହେବ ।ଏହାପରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଅପରାହ୍ନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପନିର୍ବାଚନ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଛନ୍ତି ଯେ ନିର୍ବାଚନ ଆୟୋଗଙ୍କ ଉପନିର୍ବାଚନ ଘୋଷଣା ଅନୁସାରେ ଅପ୍ରେଲ ୧୩ ତାରିଖ (ଗୁରୁବାର) ଗେଜେଟ୍ ନୋଟିଫିକେସନ୍, ଅପ୍ରେଲ ୨୦ ତାରିଖ (ଗୁରୁବାର) ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ, ଅପ୍ରେଲ ୨୧ ତାରିଖ (ଶୁକ୍ରବାର) ନାମାଙ୍କନ ପତ୍ର ଯାଂଚ, ଅପ୍ରେଲ ୨୪ ତାରିଖ (ସୋମବାର) ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ, ମଇ ୧୦ ତାରିଖ (ବୁଧବାର) ମତଦାନ ଦିବସ, ମଇ ୧୩ ତାରିଖ (ଶନିବାର) ଭୋଟ ଗଣତି ଓ ମଇ ୧୫ ତାରିଖ ଦିନ ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ନିର୍ବାଚନ ତାରିଖ ଘୋଷଣା ସମୟରୁ ହିଁ ଝାରସୁଗୁଡ଼ା ବିଧାନସଭା ମଣ୍ଡଳୀ ସହ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୨୨୧୦୭୦ ଏବଂ ସେଥି ମଧ୍ୟରୁ ୧୧୦୩୨୦ ଜଣ ପୁରୁଷ ଓ ୧୧୦୬୮୭ ଜଣ ମହିଳା ଓ ୬୩ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି । ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୫୨୬ ଜଣ ଦିବ୍ୟାଙ୍ଗ ଭୋଟର ଅଛନ୍ତି । ସେଥି ମଧ୍ୟରୁ ୧୪୪୯ ଜଣ ପୁରୁଷ ଓ ୧୦୭୭ ଜଣ ମହିଳା ଭୋଟର ଅଛନ୍ତି ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ୪୦୭୪ ଜଣ ବରିଷ୍ଠ ଭୋଟର ଅଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସାମ୍ବାଦିକମାନଙ୍କୁ ଜଣାଇଛନ୍ତି । ସେହିପରି ଝାରସୁଗୁଡ଼ା ବିଧନସଭା ନିର୍ବାଚନୀ ମଣ୍ଡଳୀରେ ୨୦୬ ଗୋଟି ସ୍ଥାନରେ ସମୁଦାୟ ୨୫୩ ଗୋଟି ଭୋଟଗ୍ରହଣ କେନ୍ଦ୍ର ରହିଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆବଶ୍ୟକ ହେଉଥିବା ଇଭିଏମ୍ ଓ ଭିଭିପ୍ୟାଟ୍ ପର୍ଯ୍ୟାପ୍ତ ପରିମାଣରେ ମଜବୁତ ଅଛି ଓ ସେସବୁଗୁଡ଼ିକର ପ୍ରାଥମିକ ସ୍ତରୀୟ ତନଖି କାର୍ଯ୍ୟ ସମାପ୍ତ ହୋଇଛି। ସମଗ୍ର ନିର୍ବାଚନ ମଣ୍ଡଳୀରେ ଥିବା ବୁଥଗୁଡ଼ିକରେ ଉପନିର୍ବାଚନ ସମୟରେ ଭୋଟରମାନଙ୍କ ସୁବିଧା ପାଇଁ ସର୍ବନିମ୍ନ ମୌଳିକ ସୁବିଧା ଯଥା–ପାନୀୟ ଜଳଯୋଗାଣ, ପାଇଖାନା, ରାମ୍ପ ଓ ବିଦ୍ୟୁତ ସଂଯୋଗ ଇତ୍ୟାଦିଗୁଡ଼ିକ ଯୋଗାଇ ଦିଆଯିବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ସୂଚନାଯୋଗ୍ୟ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ମୃତ୍ୟୁ ପରେ ଖାଲି ହୋଇଛି ଝାରସୁଗୁଡ଼ା ବିଧାନସଭା ଆସନ।

## ବର୍ବରକାଣ୍ଡ: ୫୦ ଲକ୍ଷ ପାଇଁ ନବାଳକକୁ ହତ୍ୟା କରି ପୋଡି ଦେଲେ

ଭୁବନେଶ୍ୱର, ୨୯।୩(ପି.ଏନ): ସାମ୍ନାକୁ ଆସିଛି ଅତ୍ୟନ୍ତ ଭୟଙ୍କର ଘଟଣା। ୫୦ ଲକ୍ଷ ଟଙ୍କା ପାଇଁ ଜଣେ ନାବାଳକଙ୍କୁ ପ୍ରଥମେ ଅପହରଣ ପରେ ହତ୍ୟା କରିଛନ୍ତି ଦୁଇ ଜଣ ବ୍ୟକ୍ତି। ଖାଲି ସେତିକି ନୁହେଁ, ହତ୍ୟା କରିବା ପରେ ସେମାନେ ନାବାଳକକୁ ପୋଡି ମଧ୍ୟ ଦେଇଛନ୍ତି। ପିଲାଟିକୁ ଦୁଇ ବ୍ୟକ୍ତି ଟଙ୍କା ପାଇଁ ଝାରସୁଗୁଡାରୁ ଅପହରଣ କରିଥିବା ବେଳେ ତାଙ୍କୁ ବରଗଡରେ ହତ୍ୟା କରି ପୋଡି ଦେଇଛନ୍ତି। ଝାରସୁଗୁଡା ପୁଲିସ୍ ଘଟଣାର ତଦନ୍ତ କରିବା ସହ ସିସିଟିଭି ଓ ଅନ୍ୟାନ୍ୟ ଜିନିଷକୁ ତର୍ଜମା କରି ୨ ଜଣଙ୍କୁ ଗିରଫ କରିଛି। ଘଟଣା ସଂପର୍କରେ ଝାରସୁଗୁଡା ଏସପି ସ୍ମିତ୍ ପରମାର ସୂଚନା ମଧ୍ୟ ଦେଇଛନ୍ତି।ମାର୍ଚ୍ଚ ୨୭ରେ ସରବାହାଲ କ୍ରିଷ୍ଣା ଏନକ୍ଲେଭରେ ରହୁଥିବା ବ୍ୟବସାୟୀ ସୁନିତ ଅଗ୍ରୱାଲଙ୍କ ୧୫ ବର୍ଷୀୟ ପୁଅ ସମର୍ଥ ଅଗ୍ରୱାଲଙ୍କୁ ଅପହରଣ କରାଯାଇଥିଲା। ଏନେଇ ପରିବାର ଲୋକ ରାତି ପ୍ରାୟ ୯ଟା



ବେଳେ ଝାରସୁଗୁଡା ପୁଲିସ୍‌ରେ ଅଭିଯୋଗ କରିଥିଲେ। ଅଭିଯୋଗ ମିଳିବା ପରେ ପୁଲିସ୍ ପକ୍ଷରୁ ୩ଟି ଟିମ ଗଠନ କରାଯାଇଥିଲା।ତଦନ୍ତକାରୀ ଟିମ ଟେକ୍ନିକାଲ ପ୍ରମାଣ ଓ ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ତନତନ କରି ଯାଞ୍ଚ କରିଥିଲେ। ଏଥିସହ ପଡ ?ଶୀ ଜିଲ୍ଲାକୁ ମଧ୍ୟ ଗୋଟିଏ ଟିମ ଯାଇଥିଲା। ତଦନ୍ତ ଚାଲିଥିବା ବେଳେ ୨୮ ତାରିଖ ବିଳମ୍ବିତ ରାତିରେ ପୁଲିସ୍ ଦୁଇ ଅଭିଯୁକ୍ତ ଅମିତ କୁମାର ଶର୍ମା ଓ ଦିନେଶ ଅଗ୍ରୱାଲକୁ ଗିରଫ କରିଥିଲା। ଅମିତର ଘର ଝାରସୁଗୁଡା ବିଜୁ ନଗରରେ ହୋଇଥିବା ବେଳେ ବଜ୍ରାଜନଗରର ଗାନ୍ଧି ଛକ ହେଉଛି ଦିନେଶ ଅଗ୍ରୱାଲର ଘର।

## ଧାରଣାରେ ବସିଲେ ମମତା, କହିଲେ ଆବଶ୍ୟକ ହେଲେ ମୋଦିଙ୍କ ବାସଭବନ ସମ୍ମୁଖରେ ବସିବେ

ନୂଆଦିଲ୍ଲୀ, ୨୯।୩(ପି.ଏନ): ରାଜ୍ୟ ପ୍ରତି ଭେଦଭାବପୂର୍ଣ୍ଣ ମନୋଭାବକୁ ବିରୋଧ କରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଦୁଇ ଦିନିଆ ଧର୍ମଘଟ ଆରମ୍ଭ କରିଛନ୍ତି। ସେ କହିଛନ୍ତି ଯେ, ଯଦି ଆବଶ୍ୟକ ହୁଏ ତେବେ ସେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ ବସିବେ। ମମତା କହିଛନ୍ତି ଯେ, ମୁଁ ସାତଥର ସାଂସଦ ଭାବେ କାର୍ଯ୍ୟ କରିଛି। ମୁଁ ଅନେକ ଥର କେନ୍ଦ୍ର ସରକାରରେ ମନ୍ତ୍ରୀ ଥିଲି। ବର୍ତ୍ତମାନ ସେମାନେ (ବିଜେପି) ମୋତେ ସମ୍ବିଧାନ ବିଷୟରେ ଶିକ୍ଷା ଦେଉଛନ୍ତି। ମୁଁ ଜଣେ ମୁଖ୍ୟମନ୍ତ୍ରୀ ଏବଂ ମୋ ଦଳ କ୍ଷମତାରେ ଥିବାବେଳେ ମୋ ଲୋକଙ୍କ ପାଇଁ ପାଣ୍ଠି ବନ୍ଦ ହୋଇଯାଇଛି। ସମଗ୍ର ଭାରତର ଲୋକମାନେ ମୋତେ ଭଲ ପାଆନ୍ତି। ମୁଁ ଶୁଣିଛି ଯେ, ନ୍ୟୁଜ୍ ଚ୍ୟାନେଲଗୁଡିକ ମୋର



ବିରୋଧକୁ ପ୍ରସାରଣ ନକରିବାକୁ କୁହାଯାଇଛି। ପ୍ରତ୍ୟେକ ଚ୍ୟାନେଲକୁ ବିଜେପି ଏହି ନିର୍ଦ୍ଦେଶନାମା ଦେଇଛି।କିନ୍ତୁ ଆବଶ୍ୟକ ହେଲେ ମୁଁ ପ୍ରଧାନମନ୍ତ୍ରୀଙ୍କ ଘର ଆଗରେ ବସିବି ବୋଲି ମମତା ବାନାର୍ଜୀ ଚେତାବନୀ ଦେଇଛନ୍ତି। ୨୦୨୪ରେ ଲୋକ ସଭା ନିର୍ବାଚନ ସାଧାରଣ ଜନତା ଏବଂ ଭାଜପା ମଧ୍ୟରେ ହେବ। ଭାଜପାକୁ ଗାଦିଚ୍ୟୁତ କରି ଦେଶର ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଦେଶର ସମସ୍ତ ନାଗରିକ ଆଗେଇ ଆସନ୍ତୁ। ଏହାସହ ଭାଜପା ସରକାରକୁ ହଟାଇବା ପାଇଁ ସମସ୍ତ ଦଳ ଏକଜୁଟ ହେବା ଉଚିତ ବୋଲି ମମତା କହିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆକ୍ଟ (ମନରେଗା) ଏବଂ ଗୃହ ଓ ସଡ଼କ ବିଭାଗର ଅନ୍ୟାନ୍ୟ ଯୋଜନା ଅନୁଯାୟୀ କେନ୍ଦ୍ର ରାଜ୍ୟକୁ ଅର୍ଥ ପ୍ରଦାନ ନ କରିବା ଅଭିଯୋଗରେ ମମତା ବାନାର୍ଜୀ କୋଲକାତାରେ ବି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ବିରୋଧ ପ୍ରଦର୍ଶନ କରିଛନ୍ତି। ବିରୋଧ ପ୍ରଦର୍ଶନବେଳେ ମମତା ଏକ ନିଆରା ଉପାୟ ଆପଣାଇଛନ୍ତି। ତୃଣମୂଳ କଂଗ୍ରେସ ଦ୍ୱାରା ପ୍ରସ୍ତୁତ ମଞ୍ଚରେ ଏକ ପ୍ରତୀକାତ୍ମକ ୱାଶିଂ ମେଶିନ ସ୍ଥାପନ କରାଯାଇଥିଲା। ଏହାକୁ 'ଭାଜପା ୱାଶିଂ ମେଶିନର ଯାଦୁ' କୁହାଯାଉଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିରେ କଳା ପୋଷାକ ରଖି ଧଳା ପୋଷାକ ବାହାର କରିଥିଲେ। ବିଜେପି ଶାସନ ଅଧୀନରେ ବିରୋଧୀ ଦଳକୁ କେନ୍ଦ୍ରୀୟ ଏଜେନ୍ସି ମାଧ୍ୟମରେ କରାଯାଉଛି।କିନ୍ତୁ ବିରୋଧୀଦଳର ନେତା ଭାଜପାରେ ଯୋଗଦେବା ମାତ୍ରେ ସେମାନେ ନିର୍ଦ୍ଦୋଷ ହୋଇଯାଉଛନ୍ତି।

## ସ୍ୱର୍ଣ୍ଣ ମନ୍ଦିରରେ ଆତ୍ମସମର୍ପଣ କରିବେ ଅମୃତପାଲ ସିଂହ !

ନୂଆଦିଲ୍ଲୀ, ୨୯।୩(ପି.ଏନ): ପୁଲିସ ଆଖିରେ ଧୂଳି ଦେଇ ଚୋର–ପୁଲିସ ଖେଳ ଖେଳୁଥିବା ଖାଲିସ୍ତାନୀ ନେତା ଅମୃତପାଲ ସିଂହ ପଞ୍ଜାବ ଫେରି ଆସିଥିବା ସୂଚନା ମଳିଛି। ଫେରାର ହେବାର ସପ୍ତାହେରୁ ଊର୍ଦ୍ଧ୍ୱ ଧରି ଲୁଚା–ଛପା ଖେଳ ଖେଳି ପୁଲିସକୁ ନାକେଦମ କରିଥିବା ଅମୃତପାଲ ସିଂହ ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରରେ ଆତ୍ମସମର୍ପଣ କରିବେ ବୋଲି ବିଶେଷସୂତ୍ରରୁ ଜଣାପଡିଛି। ଏଥିପାଇଁ ଅମୃତସରରେ ହାଇ ଆଲର୍ଟ ଜାରି କରାଯାଇଛି। ଖାଲିସ୍ତାନ ସମର୍ଥକ ବିଚ୍ଛିନ୍ନତାବାଦୀ ତଥା 'ୱାରିସ୍ ପଞ୍ଜାବ ଦେ' ମୁଖ୍ୟ ପଳାତକ ଅମୃତପାଲ ସିଂହରଙ୍କ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ଏହି ଭିଡିଓରେ ସେ କହୁଛନ୍ତି, ଯେ ତାର କେହି କିଛି କରିପାରିବେ ନାହିଁ ।ଷଡ଼ଯନ୍ତ୍ର କରି ପୁଲିସ ତା ଉପରେ ଏନଏସଏ ଲଗାଇଛି । ସେ ଆହୁରି ମଧ୍ୟ ଦାବି କରିଛି ଯେ ସେ ଶିଖ ସମ୍ପ୍ରଦାୟର ଅଧିକାର ପାଇଁ ଲଢୁଛନ୍ତି। ଶିଖମାନେ ଏକାଠି ହେବାକୁ ସେ ଆହ୍ୱାନ ଜଣାଇଛି । ୪୦ ମିନିଟର ଏହି ଭିଡିଓରେ ସେ କହିଛି ଯେ ତାଙ୍କ ଉପରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ତା ବିରୋଧରେ ନୁହେଁ, ବରଂ ସମଗ୍ର ଶିଖ ସଂପ୍ରଦାୟ ବିରୋଧରେ ଏକ କାର୍ଯ୍ୟାନୁଷ୍ଠାନ । ଯଦି ସରକାର ତାଙ୍କୁ ଗିରଫ କରିବାକୁ ଚାହିଁଥାଆନ୍ତେ, ତେବେ ତା ଘରୁ ତାକୁ ଗିରଫ କରିପାରିଥାନ୍ତେ । ତେବେ ଗିରଫ ହେବା ପାଇଁ ତାକୁ ଭୟ ନାହିଁ ବୋଲି ସେ କହିଛି ।

## ୩୦ ମିନିଟରେ ମାରିଲା ୫୪୦୦ ଥର ବିଜୁଳି



ଭୁବନେଶ୍ୱର, ୨୯।୩(ପି.ଏନ): ବିଜୁଳି ଘଡଘଡି ମାରିବାରେ ଆଜି ସର୍ବକାଳୀନ ରେକର୍ଡ। ଆଜି ଅପରାହ୍ନରେ ଅଧଘଣ୍ଟାରେ ମାରିଛି ୫ ହଜାର ୪ ଶହ ଥର ବିଜୁଳି। ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳରେ ମାରିଛି ୫ ହଜାର ୪ ଶହ ଥର ବିଜୁଳି। ବିଜୁଳି ମାରିବା ନେଇ କେନ୍ଦ୍ର ସରକାରଙ୍କ 'ଦାମିନୀ' ଆପରୁ ଜଣାପଡିଛି। ସେପଟେ ଓଡିଶାକୁ ଆସୁଛି ଆଉ ଏକ ପଶ୍ଚିମା–ଝଡ଼। ଅପ୍ରେଲ ୨ ତାରିଖ ବେଳକୁ ଭାରତର ଉତ୍ତର–ପଶ୍ଚିମ ଭାଗକୁ ଏକ ନୂଆ ପଶ୍ଚିମା–ଝଡ଼ ପ୍ରଭାବିତ କରିବାର ସମ୍ଭାବନା ରହିଛି। ସେଥିପାଇଁ ଓଡିଶାରେ ଝଡବର୍ଷା ସହ ବଜ୍ରପାତ ଓ ଘଡଘଡି ହେବାର ସମ୍ଭାବନା ରହିଛି।

## ବନବିଭାଗର ପେଟ୍ରୋଲିଂ ଗାଡ଼ି ଉପରକୁ ଗୁଳିମାଡ, କିଏ ମାରିଲା ଗୁଳି–ମାଫିଆ ନା ଅନ୍ୟ କେହି ?

ବୌଦ୍ଧ, ୨୯।୩(ପି.ଏନ): ବନବିଭାଗର ପେଟ୍ରୋଲିଂ ଗାଡ଼ି ଉପରକୁ ଗୁଳିମାଡ କଲେ ଦୂର୍ବୃର୍ତ୍ତ । ଗୁଳିକାଣ୍ଡ ରେ ଦୁଇ ବନ କର୍ମଚାରୀ ଗୁରୁତର ଭାବେ ଆହତ । ଅନ୍ୟ ତିନି ଜଣ ବନ କର୍ମଚାରୀ ସୁରକ୍ଷିତ ରହିଛନ୍ତି । ଗୁଳିକାଣ୍ଡ ର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ଗୁଳିକାଣ୍ଡ କିଏ କରିଛି, କେଉଁ କାରଣରୁ ହୋଇଛି ଜଣାପଡିନଥିବା ବେଳେ ବୌଦ୍ଧ ପୋଲିସ ତଦନ୍ତ ଆରମ୍ଭ କରିଛି । ବୌଦ୍ଧ ସଦର ଥାନା ଅନ୍ତର୍ଗତ ବଘିଆପଡ଼ାର ଖଲିଆପାଲି ଛକ ନିକଟରେ ହୋଇଛି ଗୁଳିକାଣ୍ଡ । ବନବିଭାଗ ର ପେଟ୍ରୋଲିଂ ଗାଡ଼ି କୁ ଅତର୍କିତ ଗୁଳିଚାଳନା କଲେ ଦୂର୍ବୃର୍ତ୍ତ। ବନବିଭାଗ ର ପେଟ୍ରୋଲିଂ ଗାଡ଼ି ଉପରକୁ ୪ରୁ ୫ ରାଉଣ୍ଡ ଗୁଳି ଚାଳନା ହୋଇଥିବା ସୂଚନା ମିଳିଛି । ଦୁଇ ବନବିଭାଗ କର୍ମଚାରୀ ଗୁରୁତର । ଗୁରୁତର ଦୁଇ ବନବିଭାଗ କର୍ମଚାରୀ ହେଲେ ନୀଳାଚଳ ପ୍ରଧାନ ଓ ନବ କୁମାର ସାହୁ । ନିଳାଚଳ ଙ୍କ କାନ୍ଧ ରେ ଓ ହାତରେ ଗୁଳି ବାଜିଥିବା ସୂଚନା । ଅନ୍ୟ ଜଣେ ନବ କୁମାର ସାହୁ ଙ୍କ ପିଠି ରେ ଗୁଳି ବାଜିଥିବା ସୂଚନା । ଅଳ୍ପକେ ବର୍ତ୍ତିଲେ ସହକାରୀ ବନ ସଂରକ୍ଷକ ଙ୍କ ସମେତ ୫ ବନ କର୍ମଚାରୀ । ଗୁରୁତର ଦୁଇ ବନବିଭାଗ କର୍ମଚାରୀଙ୍କୁ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି । ନିଳାଚଳ ଦେହରୁ ଗୋଟିଏ ଗୁଳି ବାହାର କରାଯାଇଥିବା ସୂଚନା ମିଳିଛି । ସୂଚନା ମତେ, ଗତକାଲି ରାତିରେ ଏସିଏଫ ଆଶିଷ କହଁର, ଜଣେ ଫରେଷ୍ଟ ଓ ଚାରିଜଣ ଜଗୁଆଳିଙ୍କୁ ଧରି ବଘିଆପଡା ସେକସନରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଖଲିଆପାଲି ଛକ ନିକଟରେ କିଛି ଦୁର୍ବୃର୍ତ୍ତ ବନ୍ଧୁକ ଧରି ସେମାନଙ୍କ ଗାଡିକୁ ଅଟକାଇ ଥିଲେ । ଗାଡି ନ ରଖି ସେଠାରୁ ପଳାଉ ଥିବା ଦେଖି ଦୁର୍ବୃର୍ତ୍ତମାନେ ଗାଡି ପଛ ପଟକୁ ଗୁଳିଚାଳନା କରିଥିଲେ । ଫଳରେ ଗାଡିର ପଛରେ ବସିଥିବା ଜଗୁଆଳି ନିଳାଂଚଳ ପ୍ରଧାନଙ୍କ ହାତ ଓ ଛାତିରେ ଓ ନବ କିଶୋର ସାହୁଙ୍କ ପିଠିରେ ଗୁଳି ବାଜିଥିଲା । ଦୁର୍ବୃତମାନେ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଗାଡିର ପିଛା କରିଥିଲେ । ବନ ବିଭାଗର ଗାଡି ବାଉଁଶୁଣୀ ଦେଇ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ପଂହଚି ଥିଲା । ଖବର ପାଇ ଡିଏଫଓ ଦେବପ୍ରିୟ କମ୍ପ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ପହଂଚି ଆହତଙ୍କ ଅବସ୍ଥା ପଚାରି ବୁଝିଥିଲେ । ଅନ୍ୟପକ୍ଷରେ ଘଟଣା ସ୍ଥଳରୁ ଫାଇରିଙ୍ଗ ହୋଇଥିବା ଗୁଳି ଜବତ କରାଯାଇଛି । ତେବେ ନିଳାଚଳ ର ଅବସ୍ଥା ଗୁରୁତର ରହିଥିବାରୁ ବୁର୍ଲା ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରାଯିବା ନେଇ ବ୍ୟବସ୍ଥା କରାଯାଇଛି । ବନବିଭାଗ ଗାଡି ଉପରକୁ ଗୁଳିମାଡ ହୋଇଥିବା ଖଲିଆପାଲି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ । ବନବିଭାଗର ପେଟ୍ରୋଲିଂ ଗାଡ଼ି ଉପରକୁ କିଏ ମାରିଲା ଗୁଳି, ଏଥିରେ ମାଫିଆଙ୍କ ହାତ ନା ଅନ୍ୟ କାହାରି ରହିଛି ସମ୍ପୃକ୍ତି ବଢ଼ିବାରେ ଲାଗିଛି ଗୁଳିକାଣ୍ଡର ସସ୍ପେନସ କ୍ଷ ଗୁଳିକାଣ୍ଡ ଘଟଣା ଜିଲ୍ଲା ସାରା ହଇଚଇ ସୃଷ୍ଟି କରିଥିବା ବେଳେ ପୋଲିସ ଓ ବନବିଭାଗ ଆଶ୍ଚର୍ଯ୍ୟ ଭାବରେ ନିରବ ରହିଛନ୍ତି ।






## ଟି ଟାଇମ୍

# ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରିରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ରଙ୍ଗ ନୁହେଁ ନାମ ପରିବର୍ତ୍ତନ ଦରକାର







ଜାନୁଆରୀ ୨୬ରେ ଯେତେବେଳେ ସମଗ୍ର ଦେଶ ଗଣତନ୍ତ୍ର ଦିବସ ପାଳନ କରୁଥିଲା, ୭୩ତମ ଗଣତନ୍ତ୍ର ଦିବସରେ ଜଣେ ଅନ୍ୟ ଜଣଙ୍କୁ ଶୁଭେଚ୍ଛା ଜଣାଉଥିଲା ଠିକ୍ ସେହି ସମୟରେ ଆନ୍ଧ୍ରପ୍ରଦେଶର ଗୁଣଟୁର ସ୍ଥିତ କୋଠାପେଟରେ ଜାତୀୟ ପତାକା ଉତୋଳନ କରିବାକୁ ଯାଉଥିବା ଯୁବକଙ୍କୁ ପୋଲିସ ଗିରଫ କରିନେଇଥିଲା। ତ୍ରିରଙ୍ଗା ଉତୋଳନ କରିବାର ଦଣ୍ଡ ଗିରଫଦାରୀ। ୩୦ ବର୍ଷ ପରେ ଶ୍ରୀନଗର ଲାଲ୍‌ଚୌକ ଅଂଚଳରେ ଥିବା କ୍ଲକ ଟାୱାର ବା ଘଂଟାଘର ଉପରେ ଯଦି ସେହି ସମୟରେ ଜାତୀୟ ପତାକା ଉଡା ଯାଇ ପାରିଲା ତେବେ କୋଠାପେଟରେ କାହିଁକି ତ୍ରିରଙ୍ଗା ଉଡାଯାଇପାରିଲା ନାହିଁ! ସୂଚନାଯୋଗ୍ୟ ଯେ, ଘଂଟାଘର ଉପରେ ୩୦ ବର୍ଷ ପୂର୍ବେ ବରିଷ୍ଠ ବିଜେପି ନେତା ମୁରଲୀ ମନୋହର ଯୋଶୀ ୧୯୯୨ ମସିହାରେ ଜାତୀୟ ପତାକା ଉତୋଳନ କରିଥିଲେ। ଏବେ ଚର୍ଚ୍ଚା ଚାଲିଛି ତ୍ରିରଙ୍ଗା ନୁହେଁ ଜିନ୍ନା ଟାୱାର ସମ୍ମାନ ପାଇଁ କିଛି ଲୋକ ଲାଗିଛନ୍ତି। କୋଠାପେଟରେ ଜାତୀୟ ପତାକା ଉତୋଳନ କରିବାକୁ ଅନ୍ୟ କେହି ଅଟକାଇ ନଥିଲେ। ଦେଶର ଆଇନ ରକ୍ଷକମାନେ ତାଙ୍କୁ ଅଟକାଇ ଥିଲେ। ପୋଲିସ କହୁଛି କୋଠାପେଟ ଅଂଚଳରେ ନିଷେଧାଜ୍ଞ ଜାରି କରାଯାଇଥିଲା। ଏଠାରେ ପତାକା ଉତୋଳନ କଲେ ପରିବେଶ ଖରାପ ହୋଇଥାନ୍ତା। ଯୁବକମାନେ ନିଷେଧାଦେଶ ଉଲ୍ଲଂଘନ କରି ଜିନ୍ନା ଟାୱାର ଉପରେ ପତାକା ଉତୋଳନ କରିବାକୁ ଯାଉଥିଲେ ତେଣୁ ତାଙ୍କୁ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଇ ପରେ ଛାଡି ଦିଆଯାଇଛି। ପୋଲିସର ସଫେଇ ଯାହା ହେଉନା କାହିଁକି, ଜିନ୍ନାଙ୍କ ସମ୍ମାନରେ ତ୍ରିରଙ୍ଗାର ଅପମାନ ଠିକ୍ ହେଲା ନାହିଁ।

ଏବେ ପ୍ରଶ୍ନ ଉଠୁଛି ଯେଉଁମାନେ ଜାତୀୟ ପତାକା ଉତୋଳନ କରିବାକୁ ଯାଉଥିଲେ ସେମାନେ ମହତ୍ କାର୍ଯ୍ୟ କରୁଥିଲେ ନା ଦେଶଦ୍ରୋହୀ କାର୍ଯ୍ୟ କରୁଥିଲେ? ଆନ୍ଧ୍ରପ୍ରଦେଶର ଗୁଣଟୁର ସ୍ଥିତ କୋଠାପେଟ ଭାରତରେ ନା ଭାରତ ବାହାରେ? ତେବେ କଣ ପାଇଁ ଏଭଳି ମହାନ କାମ କରିବାକୁ ଯାଉଥିବା ଯୁବକମାନଙ୍କୁ ଅଟକାଇ ଦିଆଗଲା? ତ୍ରିରଙ୍ଗା ଉତୋଳନ କରିବା କଣ ଅପରାଧ? ଜିନ୍ନା ଟାୱାର ସମ୍ମାନ ବଡ ନା ତ୍ରିରଙ୍ଗାର ସମ୍ମାନ ବଡ? ଜିନ୍ନା ଟାୱାର ସମ୍ମାନ ରଖିବା ଚକରରେ ଏଠି ଜାତୀୟ ପତାକାକୁ ଅପମାନ କରାଯାଉଛି। ଦୁଃଖର ବିଷୟ ଆଜି ବି କିଛି ରାଜନୈତିକ ଦଳ ଜିନ୍ନାଙ୍କୁ ସର୍ଦ୍ଦାର ପଟେଲଙ୍କ ସହିତ ତୁଳନା କରୁଛନ୍ତି। ଜିନ୍ନା ଚୌକ, ଜିନ୍ନା ଟାୱାର, ଟିପୁ ସୁଲତାନ ମୈଦାନ ଆଦି ନାମ କରଣକୁ ରଖିବାକୁ ଚାହୁଁଛନ୍ତି। ଭୋଟ ବ୍ୟାଙ୍କ ଚକରରେ ତାଲିବାନର ଗୁଣଗାନ, ଜିନ୍ନା ମହାନ କହିବାକୁ ବାଧ୍ୟ ହେଉଛନ୍ତି। ତୁଷ୍ଟିକରଣ ଭାଇରସ ଯୋଗୁଁ ଏପରି ହେଉଛି। ସ୍ୱାଧୀନତାର ୭୪ ବର୍ଷ ବିତି ଯାଇଥିଲେ ମଧ୍ୟ କାହିଁକି ଆମେ ଦେଶ ବିଭାଜନକାରୀଙ୍କ ନାମକୁ ଜପାମାଳି କରି ରଖିବା। ଏବେ ପ୍ରଶ୍ନ ଉଠୁଛି କେଉଁଦିନ ଟିପୁ ସୁଲତାନ ମୈଦାନ ନାମ ହଟାଇ ଦିଆଯିବ? କେଉଁ ଦିନ ଜିନ୍ନା ଟାୱାର ନାମ ହଟାଇ ଦିଆଯିବ?

ମହମ୍ମଦ ଅଲ୍ଲୀ ଜିନ୍ନା ହେଉଛନ୍ତି ଭାରତକୁ ଭାଗ ଭାଗ କରିଥିବା ବ୍ୟକ୍ତି। ସେ ଦେଶର ବିଭାଜନ ପାଇଁ ଦାୟୀ। ଜିନ୍ନାଙ୍କ ଯୋଗୁଁ ଭାରତର ଯେଉଁ ବିଭାଜନ ହେଲା ସେହି ସମୟରେ ଲକ୍ଷ ଲକ୍ଷ ଜନତାଙ୍କର ଜୀବନ ଯାଇଛି। କୋଟି କୋଟି ଲୋକ ବେଘର ହୋଇ ଯାଇଛନ୍ତି। ସେହି ବିଭାଜନର କ୍ଷତ ଏପର୍ଯ୍ୟନ୍ତ ଶୁଖିନାହିଁ। ଜିନ୍ନା ଟାୱାର ଆମ ଦେଶ ପାଇଁ କି କାମରେ ଲାଗିବ? ଆଗାମୀ ପୀଢିମାନେ ଜିନ୍ନା ଟାୱାର ଦେଖି ଦେଶପ୍ରେମ ନା ଦେଶଦ୍ରୋହ କଥା ଶିଖିବେ? ସ୍ୱାଧୀନତା ପାଇବାର ଅନେକ ଦିନ ବିତି ଯାଇଥିଲେ ମଧ୍ୟ ଆମେ କେଉଁଠାରେ ପହଁଚିଛୁ? ମୌଳିକ ଅଧିକାରର କଥା ସବୁବେଳେ କହୁଛୁ ହେଲେ ଗୁଣଟୁରରେ ଯେଉଁମାନେ ଜାତୀୟ ପତାକା ଉତୋଳନ କରିବାକୁ ଗଲେ ସେମାନଙ୍କର ମୌଳିକ ଅଧିକାର କୁଆଡେ ଗଲା? ଏଠି ସେକୁଲାରଜିମ ଆଡରେ ସଂଖ୍ୟାଲଘୁ ତୁଷ୍ଟିକରଣକୁ ଥାପି ଦିଆଯାଉଛି। ଭାରତୀୟ ସଂସ୍କୃତି, ବିଚାରକୁ ଥଟ୍ଟାମଜାରେ ଉଡାଇ ଦିଆଯାଉଛି। ସଂଖ୍ୟାଲଘୁ ସୁରକ୍ଷା ଆଳରେ ସେମାନେ କରୁଥିବା ବଡ ବଡ ଘଟଣାକୁ ମାଫ୍ କରି ଦିଆଯାଉଛି। ସ୍କୁଲ କଲେଜ ଯାଉଥିବା ଛୋଟ ପିଲାଙ୍କ ସହିତ ତୁଳନା କରି ଛାଡି ଦିଆଯାଉଛି। ଯେଉଁଥିପାଇଁକି ସେମାନେ ଦେଶ ବିରୋଧରେ ଯାଇ ଚିକେନ୍‌ନେକକୁ ଅଲଗା କରିବା ପାଇଁ କହୁଛନ୍ତି, ସୀମା ଆରପଟେ ଥିବା ବିରୋଧୀଙ୍କ ସପକ୍ଷରେ କଥା କହୁଛନ୍ତି। ଏହା ରାଷ୍ଟ୍ରବାଦ ନୁହେଁ ଅରାଷ୍ଟ୍ରବାଦ। ଗୁଣଟୁରରେ ଜାତୀୟ ପତାକା ଉତୋଳନ କରିବାକୁ ଅଟକାଇ ଦିଆଗଲା, ସେଥିପାଇଁ ଦେଶର ପ୍ରତ୍ୟେକ ନାଗରୀକଙ୍କ ମନରେ ଦୁଃଖ ଆସିବା ଦରକାର।

ସେଦିନର କେଇଜଣ ଯୁବକମାନଙ୍କର ଆନ୍ଦୋଳନ ଯୋଗୁଁ ଆଜି ଜିନ୍ନା ଟାୱାର ରଙ୍ଗ ବଦଳି ଯାଇଛି। ଏହି ଜିନ୍ନା ଟାୱାର ତ୍ରିରଙ୍ଗା ରଙ୍ଗରେ ରଙ୍ଗାୟିତ ହୋଇଛି। ଏଥିସହିତ ଜାତୀୟ ପତାକା ଉତୋଳନ ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ଏସବକୁ କାମ ପାଇଁ କିଛି ନେତା ବିଜେପି ଉପରେ ଦୋଷ ଲଦୁଛନ୍ତି। ଗୁଣଟୁର ମେୟର କବିତା ମନୋହର କହୁଛନ୍ତି ଯେ କିଛିଦିନ ହେଲା ବିଜେପିର କର୍ମୀମାନେ ଏ ଘଟଣାକୁ ନେଇ ଅନାବଶ୍ୟକ ବିବାଦ ସୃଷ୍ଟି କରୁଛନ୍ତି। ଏବେ କିନ୍ତୁ ଦାବି ହେଉଛି ରଙ୍ଗ ବଦଳାଇ ଦେଲେ ଚଳିବ ନାହିଁ, ନାମ ବଦଳାଇବାକୁ ହେବ। ଆନ୍ଧ୍ରପ୍ରଦେଶର ବିଜେପି ପ୍ରଭାରୀ ସୁନୀଲ ଦେଓଧର କହିଛନ୍ତି ଯେ,ଜିନ୍ନା ଟାୱାର ନାମ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଠିକ୍ ଅଛି, ଜିନ୍ନା ଟାୱାରକୁ ତ୍ରିରଙ୍ଗା ରଙ୍ଗରେ ରଙ୍ଗ କରାଯାଇଛି। ଏହାର ନାମ ମଧ୍ୟ ପରିବର୍ତ୍ତନ କରାଯିବା ଉଚିତ। କାରଣ ଜିନ୍ନା ଭାରତୀୟ ଆତ୍ମାକୁ ଦମନ କରିବାର ପ୍ରତୀକ। ଜିନ୍ନା ଆଉ ଆଉରଙ୍ଗଜେବଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଯେପରି ଆଉରଙ୍ଗଜେବ ରୋଡର ନାମ ବଦଳାଯାଇଛି ଠିକ୍ ସେହିପରି ଜିନ୍ନା ଟାୱାର ନାମ ବଦଳାଯାଇ ଏ ପି ଜେ ଅବଦୁଲ କଲାମ ଟାୱାର ନାମ ହେବା ଉଚିତ।

**ଗୋଲୋକ ଚନ୍ଦ୍ର ଦାସ**, ଛିଡିଆ, ବାରୁଆ, କେନ୍ଦ୍ରାପଡ଼ା, ମୋ-୯୮୬୧୦୨୮୫୫୩

# ଜଳନ୍ଧର ଶକ୍ତିପୀଠ, ପଞ୍ଜାବ





ଜଳନ୍ଧର ଶକ୍ତିପୀଠ ବା 'ତ୍ରିପୁରମାଳିନୀ' ମନ୍ଦର ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ। ଏହି ଶକ୍ତିପୀଠ ଦେବୀ "ତାଲାବ" ମନ୍ଦିର ପାଇଁ ଜଣାଶୁଣା। ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଜଳନ୍ଧର ଠାରେ ଅବସ୍ଥିତ। ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ। ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ।






ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ "ଜଳନ୍ଧର ଶକ୍ତିପୀଠ" ବା ତାଲାବ ମନ୍ଦିର ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଛିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

"ଜଳନ୍ଧର ଶକ୍ତିପୀଠ"ରେ ମାତା ସତୀଙ୍କର 'ବାମ ସ୍ତନ' ଖଣ୍ଡ ପଡ଼ିଥିଲା।



ଏଠାରେ ମାତା ଶକ୍ତିଙ୍କୁ 'ତ୍ରିପୁରମାଳିନୀ' ରୂପରେ ପୂଜା କରାଯାଉ ଥିବାବେଳେ ଭଗବାନ ଶିବ 'ଭୈରବ'(ଯିଏ ଭଗବାନ ଶିବଙ୍କର ଅନ୍ୟ ଏକ ରୂପ)ଙ୍କୁ "ଭୀଷଣ" ରୂପରେ ପୂଜା କରା ଯାଇଥାଏଏ।

ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନ, ପ୍ରାଣ ଓ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

**କେମିତି ଯିବେ:-** (୧) ନିକଟସ୍ଥ ରେଳଷ୍ଟେସନ୍‌ଠାରୁ ମାତ୍ର ୨.୫ କିମି ଦୂରରେ "ଜଳନ୍ଧର ଶକ୍ତିପୀଠ"ଅବସ୍ଥିତ। (୨) ନିକଟସ୍ଥ ଚଣ୍ଡିଗଡ଼ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ମାତ୍ର ୧୮୩ କିମି ଦୂରରେ "ଜଳନ୍ଧର ଶକ୍ତିପୀଠ" ଅବସ୍ଥିତ।

ପ୍ରତିଦିନ ସକାଳ ୬ ଟାରୁ ମନ୍ଦିର ଖୋଲାଯାଏ ଓ ରାତି ୯ ଟାରେ ବନ୍ଦ ହୁଏ।

**ଶରତ କୁମାର ରାଉତ**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

## ଧାରଣାରତ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଚ୍ଏମ୍ଏସ

ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁର ମହାନଗରରେ ଥିବା ଟିପିଏସଓଡିଏଲ (TPSODL) କର୍ପୋରେଟ୍ ଅଫିସ ସମ୍ମୁଖରେ ସାଉଥ୍‌କୋ ୟୁଟିଲିଟିରେ ବର୍ଷ ବର୍ଷ ଧରି କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ନ୍ୟାଯ୍ୟ ଦାବି ନେଇ ଗତ ୬ ମାସରୁ ଊର୍ଦ୍ଧ୍ୱ ଦିନ ଧରି ଧାରଣା ଦେଇଛନ୍ତି। ସମ୍ପ୍ରତି ଟାଟା ପାୱାର ଓଡ଼ିଶାର ବିଦ୍ୟୁତ ଯୋଗାଣ ସଂସ୍ଥାକୁ ହାତକୁ ନେବା ପରେ ଉକ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରୁନାହିଁ। ଫଳରେ ପ୍ରାୟ ୩ ହଜାର କର୍ମଚାରୀ ଜୀବିକା ହରାଇ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଇତିମଧ୍ୟରେ ଜିଲା ପ୍ରଶାସନ ହସ୍ତକ୍ଷେପ କରିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନକରିବା ଉଦବେଗର ବିଷୟ। ଗୋଟିଏ ଜନକଲ୍ୟାଣ ସରକାରରେ ଏଭଳି ଘଟଣା ଆଦୌ ଶୁଭଙ୍କର ନୁହେଁ। ଅପରପକ୍ଷରେ ଧାରଣାରତ କର୍ମଚାରୀମାନେ ପୁନଃ ନିଯୁକ୍ତି ଦାବି କରି ଆସୁଥିବା ବେଳେ ମାନ୍ୟବର ସୁପ୍ରିମକୋର୍ଟର ନିର୍ଦ୍ଦେଶକୁ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ମାନୁନାହାନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଟାଟା କମ୍ପାନୀ ସାଉଥକୋ ୟୁଟିଲିଟିକୁ ନେବା ପରେ ୟୁନିଟ ପିଛା ୫୦ ପଇସା ବୃଦ୍ଧି କରି ଗ୍ରାହକମାନଙ୍କ ଉପରେ ଆର୍ଥିକ ଭାର ଲଦି ଦେଇଛି। ୨୦୨୧ ସୁଦ୍ଧା ଦକ୍ଷିଣ ଓଡ଼ିଶାରେ ପ୍ରାୟ ୨୫ ଲକ୍ଷ ବିଦ୍ୟୁତ ଉପଭୋକ୍ତା ରହିଥିବା ବେଳେ ସେମାନଙ୍କ ଉପରେ ଆର୍ଥିକ ବୋଝ ବୃଦ୍ଧି କରି କମ୍ପାନୀ ନିଜର ପାଣ୍ଠି ବଢ଼ାଇ ଚାଲିଥିବା ବେଳେ କର୍ମଚାରୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ। ପୂର୍ବରୁ କମ୍ପାନୀ କରିଥିବା ଚୁକ୍ତିନାମାକୁ ସମ୍ପୂର୍ଣ୍ଣ ଖିଲାପ କରିଛି। କମ୍ପାନୀର ମନମାନି ଚାଲିଥିବା ବେଳେ ଧାରଣାରତ କର୍ମଚାରୀଙ୍କ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ହିନ୍ଦ୍ ମଜଦୁର ସଭା (ଏଚ୍ଏମ୍ଏସ)ର ରାଜ୍ୟ ଉପସଭାପତି ରବି ରଥ ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଓଇଆରସିର ଅଧ୍ୟକ୍ଷଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

## କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ଗଣତନ୍ତ୍ର ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭୩ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଆଭାଷୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମଧୁସୁଦନ କାମିଲା ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ସଭାପତିତ୍ୱ କରି ଗଣତନ୍ତ୍ର ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସଂଯୋଜକ ନିରଦ ବରଣ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟତାବାଦ ଓ ଦେଶର ଭବିଷ୍ୟତ ଗଢିତୋଳିବା ସମ୍ପର୍କରେ ଯୁବକମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ସେନା ଅଧିକାରୀ ମେଜର ଭରତ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶ ଗଠନରେ ଏକ ସୈନିକର ଭୂମିକା ଏବଂ ନିଜର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଯୁବପିଢୀକୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ଗଣତନ୍ତ୍ର ଦିବସର ଉଦେଶ୍ୟ ଓ ସ୍ୱାଧୀନଚେତା ମଣିଷର ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଳିକା ବିଭାଗର କାର୍ଯ୍ୟକାରୀ ଅଧିକାରୀ ଗିରିଜାକାନ୍ତ ଦାଶ, ଆଦ୍ୟାରଶ୍ମୀ ମହାପାତ୍ର, ଡଃ. ମନୋରଞ୍ଜନ ରାଉତ, ରାକେଶ କୁମାର ସାହୁଙ୍କ ସମେତ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଶେଷରେ ବାଳକ ବିଭାଗର କାର୍ଯ୍ୟକାରୀ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିହାର ଓ ଉତ୍ତର ପ୍ରଦେଶରେ ପରୀକ୍ଷାର୍ଥୀଙ୍କ ଉପରେ ପୋଲିସର ଲାଠି ଚାର୍ଜ ବିରୁଦ୍ଧରେ ବିକ୍ଷୋଭ

ଯାଜପୁର (ପିଏନ୍): କେନ୍ଦ୍ରରେ ଅନୁଷ୍ଠିତ ବିଜେପି ସରକାର ନିର୍ବାଚନରେ ଦେଇଥିବା ପ୍ରତିଶୃତି ଆଜି ସଂପୂର୍ଣ୍ଣ ମିଥ୍ୟା ଓ ପ୍ରତାରଣାପୂର୍ଣ୍ଣ ବୋଲି ଦେଶର ଜନସାଧାରଣ ହୃଦୟଙ୍ଗମ କରିସାରିଛନ୍ତି। କରୋନା ମହାମାରୀ ଭୟଙ୍କର ପରିସ୍ଥିତିରେ ଦେଶରେ ଜନଗଣଙ୍କର ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ବେଳେ ଦେଶର କୋଟି କୋଟି ଲୋକ ବଂଚିବାର ରାହା ଖୋଜୁଛନ୍ତି। ଏହିଭଳି ପରିସ୍ଥିତିରେ ସରକାର ବେକାର ଯୁବକ ଯୁବତୀମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବା ପରିବର୍ତ୍ତେ ବିହାର ଓ ଉତ୍ତର ପ୍ରଦେଶରେ ନିଯୁକ୍ତି ପାଇଁ ଆବେଦନ କରିଥିବା ବେକାର ଯୁବକ-ଯୁବତୀ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବର ଆକ୍ରମଣ ଓ ଲାଠିଚାର୍ଜ ପ୍ରତିବାଦରେ ଅଲ୍ ଇଣ୍ଡିଆ ଅନ୍‌ଏମ୍ପ୍ଲେଏଡ୍ ୟୁଥ୍ ଷ୍ଟ୍ରଗଲ କମିଟି ଆହ୍ୱାନରେ ସର୍ବଭାରତୀୟ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ଯାଜପୁର ଠାରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭ କାରୀମାନେ ଏକ ପଟୁଆରରେ ବାହାରି ଆର୍‌ଆର୍‌ବି, ଏନ୍‌ଟିପିସି ପରୀକ୍ଷା ପାଇଁ ଆବେଦନକାରୀ ଛାତ୍ରଛାତ୍ରୀ ଯୁବକ-ଯୁବତୀ ଉପରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା। ଦେଶର ଯୁବକ-ଯୁବତୀମାନଙ୍କୁ ରେଳ ବିଭାଗରେ ନ ନେବା ନିଷ୍ପତ୍ତି ପ୍ରତ୍ୟାହାର କରିବା, ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗ୍ରୁପ୍-ଡ଼ିକୁ କେବଳ ଏକକ ପରୀକ୍ଷା କରାଇଥିବା ଓ ନିର୍ଦ୍ଦୋଶ ଛାତ୍ରଛାତ୍ରୀ ମାନଙ୍କ ଉପରେ ଆକ୍ରମଣ କରିଥିବା ପୋଲିସ କର୍ମଚାରୀଙ୍କୁ କଠୋର ଦଣ୍ଡ ଦେବା ପ୍ରଭୃତି ଦାବୀରେ ସହର ପରିକ୍ରମାକରି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଏଆଇୟୁୱାଇଏସ୍‌ସିର ରାଜ୍ୟ ଆବାହାକ ଚୈତନ୍ୟ ମହାରଣା, ଏଆଇଡିୱାଓର ଜିଲ୍ଲା ସଂପାଦକ ପ୍ରଶାନ୍ତ ସ୍ୱାଇଁ ସଂଗଠନର ରାଜ୍ୟ ଉପ-ସଭାପତି ଅଭିମନ୍ୟୁ ମଲ୍ଲିକ, ଜିଲ୍ଲା ଉପସଭାପତି ରାଧାବଲ୍ଲଭ ମଲ୍ଲିକ, ଜଗବନ୍ଧୁ ମଲ୍ଲିକ ପ୍ରଭୃତି ନେତୃବୃନ୍ଦ ବକ୍ତବ୍ୟରଖି କେନ୍ଦ୍ର ସରକାରଙ୍କ ଜନମାରଣ ନୀତିର କଠୋର ସମାଲୋଚନା କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ସମସ୍ତ ଶୋଷଣ ଅତ୍ୟାଚାରର ସର୍ବସ୍ତରର ଜନସାଧାରଣ ସ୍ତରେ ସ୍ତରେ ଗଣ ଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ।

## କେନ୍ଦ୍ରାପଡା ତହସିଲ ମାର୍କେଟ କମ୍ପ୍ଲେକ୍ସ ବଣିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ତହସିଲ ମାର୍କେଟ କମ୍ପ୍ଲେକ୍ସ ବଣିକ ସଂଘ ପକ୍ଷରୁ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରସନ୍ନ କୁମାର ମଲ୍ଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଗଙ୍ଗାଧର ଦାସ, ଇଜାଜ ଏହେମଦ, ଗଙ୍ଗାଧର ମହାନ୍ତି, ଭାଗିରଥୀ ସାହୁ, ସେକ୍ ଆସିକଉଦ୍ଦିନ, ଜହିରଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା ମେଡିକାଲ ଛକରେ ଜିଲ୍ଲା ବିଜେଡି ପକ୍ଷରୁ ଗଣତନ୍ତ୍ର ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ମେଡିକାଲ ଛକରେ ଜିଲ୍ଲା ବିଜେଡି ପକ୍ଷରୁ ୭୩ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା ଜାତୀୟ ପତକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ପୂର୍ବତନ ନଗରପାଳ ଧିରେନ ସାହୁ, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ମହେନ୍ଦ୍ର ମିଶ୍ର, ରୋସ୍ନା ସାହୁ, ନାରାୟଣ ସାହୁ, ଶକ୍ତିକାନ୍ତ ପାତ୍ର, ଗୋପାଳ ମହାପାତ୍ର, ବିଜୟ ପତି, ସେକ ଚନ୍ଦନ, ମାନସ ସାହୁ, ବିଜୟ ମଣ୍ଡଳ, ରଞ୍ଜନ ସାହୁ, ମାନସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁଷଣ୍ଡପୁର ପଂଚାୟତରେ ବିଜେଡ଼ି ସମର୍ଥିତ ସରପଂଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ଭୋଟ ଭିକ୍ଷା



ଚଣ୍ଡିଖୋଲ (ପିଏନ୍)-ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଂଚାୟତର ବିଜେଡ଼ି ସମର୍ଥିତ ସରପଂଚ ପ୍ରାର୍ଥୀ ଯଯାତିକେଶରୀ ରାଉତ ଓ ସମିତି ସଭ୍ୟ ଜଗନ୍ନାଥ ମୁଦୁଲି ପ୍ରତ୍ୟେକ ଗ୍ରାମକୁ ଯାଇ ଭୋଟର ମାନଙ୍କୁ ସାକ୍ଷାତ କରି ଭୋଟ ଭିକ୍ଷା ଜାରି ରଖିଛନ୍ତି। ପଂଚାୟତର ରାଣୀବନ୍ଧୀ ଗ୍ରାମକୁ ଦୁଇ ପ୍ରାର୍ଥୀ ଓ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ପ୍ରଭାକର ସାମଲ, ଉଦ୍ଧବ ସାମଲ, କନକ ସିଂହ, ଉତ୍ତମା ସାମଲ ଓ ୧୨ନଂ ୱାର୍ଡ଼ର ୱାର୍ଡ଼ ସଭ୍ୟା ପ୍ରାର୍ଥୀ ଜ୍ୟୋସ୍ନା ସାମଲ ଭୋଟରମାନଙ୍କୁ ସାକ୍ଷାତ କରିଥିଲେ ଓ ଆସନ୍ତା ପଂଚାୟତ ନିର୍ବାଚନରେ ତାଙ୍କ ସପକ୍ଷରେ ଭୋଟ ଦେଇ ଆମକୁ ଜିତାଇବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୧ବର୍ଷ ଶାସନ କାଳରେ ବିଗତ ୫ବର୍ଷ ମଧ୍ୟରେ ସରପଂଚ ପ୍ରାର୍ଥୀ ଯଯାତି କେଶରୀ ରାଉତ ସରପଂଚ ଥିବା ସମୟରେ ପଂଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ବାର୍ଦ୍ଧକ୍ୟ ବିଧବା ଭତ୍ତା ପ୍ରଦାନ, ଗାଁ କଲ୍ୟାଣ ସମିତି କରାଇ ଗ୍ରାମର ପରିବେଷକୁ ସୁରକ୍ଷା, ସ୍ୱୟଂସହାୟକ ଗୋଷ୍ଠୀ କରାଇ ପ୍ରତ୍ୟେକ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ପଂଚାୟତର ବିଭିନ୍ନ ଗ୍ରାମରେ ଭଲ କାମ କରିଛନ୍ତି ଓ ଆସନ୍ତା ନିର୍ବାଚନରେ ସରପଂଚ ପ୍ରାର୍ଥୀ ଭାବେ ବିଜୟୀ ହେଲେ ପଂଚାୟତର ବାକି ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ପୂରଣ କରିବା ପାଇଁ ସାଧାରଣ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲା କଂଗ୍ରେସ ପକ୍ଷରୁ କଜଳାସ୍ଥିତ କଂଗ୍ରେସ ଭବନରେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ଫକିର ଚରଣ ଖଟୁଆ, ସୌମେନ୍ଦ୍ର କୁମାର ପୃଷ୍ଟି, ଶରତ ବେହୁରା, ମୁକ୍ତାର ଖାଁ, ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୩୦

# ରାମ ନବମୀ ଓ ରାମଙ୍କ ଚରିତ୍ର

ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମ ଦିନକୁ ରାମ ନବମୀ ଭାବେ ପାଳନ କରାଯାଏ । ଜନ୍ମାଷ୍ଟମୀ ବା ହରିଜନ୍ମ ପରି ରାମ ନବମୀ ଏକ ସର୍ବଭାରତୀୟ ସ୍ତରର ହିନ୍ଦୁ ପର୍ବ । ଏହା ସର୍ବତ୍ର ମହା ସମାରୋହରେ ପାଳନ କରାଯାଏ । ଚୈତ୍ର ଶୁକ୍ଳ ପକ୍ଷ ନବମୀ ହେଉଛି 'ରାମ ନବମୀ' । ଜନ୍ମାଷ୍ଟମୀ ତୁଳନାରେ ରାମ ନବମୀର ପ୍ରଚଳନ ପ୍ରାଚୀନ । କାରଣ ଭଗବାନ ବିଷ୍ଣୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ରୂପେ ଜନ୍ମ ହୋଇଥିଲେ ଏବଂ ଏହାର ବହୁ ପୂର୍ବରୁ ତ୍ରେତା ଯୁଗରେ ସେ ଶ୍ରୀରାମ ରୂପେ ପ୍ରକଟ ହୋଇଥିଲେ । ତ୍ରେତା ଯୁଗରେ ଲଙ୍କା-ନରେଶ ରାବଣଙ୍କ ନେତୃତ୍ୱରେ ଅସୁରମାନେ ଶକ୍ତିଶାଳୀ ହୋଇ ମଣିଷ ତଥା ମୁନି-ଋଷିଙ୍କ ଉପରେ ଅତ୍ୟାଚାର ଚଳାଇଥିଲେ । ଦେବତାମାନେ ସୁଦ୍ଧା ଅସୁରଙ୍କ କବଳରୁ ସୁରକ୍ଷିତ ନଥିଲେ । ମାନବ ଭିନ୍ନ ଅନ୍ୟ କାହା ହାତରେ ରାବଣ ନିହତ ହେବେନାହିଁ, ବୋଲି ବ୍ରହ୍ମା ବର ଦେଇଥିଲେ । ଏଣୁ ଦେବତା ଗନ୍ଧର୍ବ, ମୁନି-ଋଷି ଓ ମଣିଷ ରାବଣଙ୍କ ବିନାଶ ପାଇଁ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ । ରାବଣଙ୍କୁ ବଧ କରିବା ପାଇଁ ବିଷ୍ଣୁ ମାନବ ରୂପ ଧାରଣ କରିଥିଲେ । ସେ ନିଜକୁ ଚାରି ଭାଗରେ ବିଭକ୍ତ କରି ମହାରାଜା ଦଶରଥଙ୍କ ପୁତ୍ରଗଣ ଭାବେ ଜନ୍ମ ନେବାକୁ ନିଷ୍ପତ୍ତି ନେଇଥିଲେ । ସେହି ସମୟରେ ଅପୁତ୍ରିକ ଦଶରଥ, ବିଭାଣ୍ଡକ ମୁନିଙ୍କ ପୁତ୍ର ଋଷ୍ୟଶୃଙ୍ଗଙ୍କ ପୌରୋହିତ୍ୟରେ ସନ୍ତାନ ଲାଭ ପାଇଁ ଯଜ୍ଞ କରୁଥାନ୍ତି । ପୂର୍ଣ୍ଣାହୁତି ପରେ ଯଜ୍ଞ କୁଣ୍ଡ ଭିତରେ ସୁବର୍ଣ୍ଣ ପାତ୍ର ଧରି ଆବିର୍ଭୁତ ହେଲେ ଜଣେ ଦିବ୍ୟ ପୁରୁଷ । ନିଜକୁ ଭଗବାନଙ୍କ ଦୂତ କହି ସେ ପାତ୍ରଟିକୁ ଦଶରଥଙ୍କ ହାତରେ ଦେଲେ । ସେଥିରେ ଥିଲା ଦିବ୍ୟ ପାୟସ । ଦଶରଥ ତାହାର ଅର୍ଦ୍ଧେକ ରାଣୀ କୌଶଲ୍ୟାଙ୍କୁ ଦେଲେ । ଅବଶିଷ୍ଟ ପାୟସକୁ ଦୁଇ ଭାଗ କରି, ଅଧା ଦେଲେ ସୁମିତ୍ରାଙ୍କୁ । ବଳକା ପାୟସକୁ ପୁନର୍ବାର ଦୁଇ ଭାଗ କରି ଦେଇଥିଲେ କୈକେୟୀ ଓ ସୁମିତ୍ରାଙ୍କୁ । ସେହି ଦିବ୍ୟ ପାୟସ ପାନ କରି ପ୍ରଥମେ ଜାତ ହୋଇଥିଲେ ପ୍ରଭୁ ଶ୍ରୀରାମ ଏବଂ ପରେ ଲକ୍ଷ୍ମଣ, ଶତ୍ରୁଘ୍ନ ଓ ଭରତ । ପବିତ୍ର ଶ୍ରୀରାମ ନବମୀ ଭାରତୀୟ ଆଧାତ୍ମିକ ଚେତନାରେ ଏକ ସ୍ୱତନ୍ତ୍ର ଦିବସ। ସମଗ୍ର ଭାରତରେ ସହର, ଗ୍ରାମାଞ୍ଚଳ ସବୁଠି ଦେବାଳୟରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଥାଏ। ଚୈତ୍ର୍ୟମାସ ଶୁକ୍ଳପକ୍ଷ ନବମୀ ବା ରାମ ନବମୀ ଦିନ ଭଗବାନ



ବିପିନ ବିହାରୀ ରାଉତ

ଶ୍ରୀରାମ ଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ଏହି ଦିନ ହିଁ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ହୋଇଥିଲା । ବାଲ୍ମିକୀ ରାମାୟଣ ଓ ତୁଳସୀ ଦାସଙ୍କ ରାମଚରିତ ମାନସ ସମେତ ଅନ୍ୟ ପୌରାଣିକ ଗ୍ରନ୍ଥରେ ଶ୍ରୀରାମଙ୍କ ଚରିତ୍ର ବିଷୟରେ ବର୍ଣ୍ଣନା ରହିଛି । ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଚରିତ୍ର, ଆଦର୍ଶ ଓ ତାଙ୍କ ଜୀବନୀ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ । ଭଗବାନ ଶ୍ରୀରାମଚନ୍ଦ୍ର ବିନୟୀ, ଦୟାବାନ, ସାହାସୀ ତଥା ଉତ୍ତମ ବ୍ୟକ୍ତିତ୍ୱ ସମ୍ପନ୍ନ ଥିଲେ । ତାଙ୍କ ଭଳି ହୋଇପାରିବା ହୁଏତ କଠିନ ହୋଇପାରେ, ମାତ୍ର ଅସମ୍ଭବ ନୁହେଁ । ଭଗବାନ ହୋଇ ମଧ୍ୟ ସେ ମନୁଷ୍ୟ ରୂପରେ ଜନ୍ମ ନେଇଥିଲେ । ଉତ୍ତମ ଚରିତ୍ର ଧାରଣ କରି ସେ ପୁରୁଷୋତ୍ତମ ହୋଇପାରିଥିଲେ । ତାଙ୍କ ଭଳି ଚରିତ୍ର ଧାରଣ କରିବା ଅନ୍ୟ ମନୁଷ୍ୟଙ୍କ ପାଇଁ ଅସମ୍ଭବ ନୁହେଁ । ଏହା ସେ ପ୍ରମାଣିତ କରିପାରିଥିଲେ । ମନର ଦୃଢ଼ତା ଓ ସହଜତା ଦ୍ୱାରା ରାମଙ୍କ ଭଳି ଚରିତ୍ର ଧାରଣ କରିବା ସମ୍ଭବ । ଭଗବାନ ହୋଇ ମଧ୍ୟ ମନୁଷ୍ୟ ରୂପରେ ସେ କୌଣସି ଚମତ୍କାରୀତା ଦେଖାଇନଥିଲେ । ବରଂ ମନୁଷ୍ୟ ଜନ୍ମର ମର୍ଯ୍ୟାଦା ଭିତରେ ରହି ପୁରୁଷୋତ୍ତମ ବୋଲାଇ ପାରିଥିଲେ । ନିୟମର ପାଳନ, ଶିଖିବାର ଇଚ୍ଛା, ଆପଣେଇ ନେବାର ପ୍ରବୃତ୍ତି, ପ୍ରତିଶ୍ରୁତିବଦ୍ଧତା, ଅନୁଶାସିତ ତଥା ମର୍ଯ୍ୟାଦାସମ୍ପନ୍ନ ଜୀବନ, ପ୍ରକୃତିର ଶୁଦ୍ଧତା, ଚରିତ୍ରରେ ସ୍ୱଚ୍ଛତା, ହୃଦୟରେ ନିର୍ମଳତା ଆଦି ଗୁଣ ଥିଲା ରାମଚନ୍ଦ୍ରଙ୍କ ଭୂଷଣ । ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ସବୁ ଗୁଣ ଧାରଣ କରିହେବ ଏହା ଶ୍ରୀରାମ ପ୍ରମାଣିତ କରିଯାଇଛନ୍ତି ।

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

# ଦୁଇପତ୍ରରୁ ତୁଳସୀ ଦାସ !

ଉତ୍ତରପ୍ରଦେଶର ପ୍ରୟାଗ ନିକଟବର୍ତ୍ତୀ ବାନ୍ଦା ଜିଲ୍ଲାରେ ଅବସ୍ଥିତ ରାଜାପୁର ଗ୍ରାମ। ଆତ୍ମାରାମ ଦୁବେ ନାମକ ଜଣେ ବ୍ରାହ୍ମଣ ଏହି ଗ୍ରାମରେ ବାସ କରୁଥିଲେ। ତାଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ହୁଲସୀ ଦେବୀ। ସଂବତ ୧୫୫୪ ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ଦିନ ଏହି ଭାଗ୍ୟବାନ ଦମ୍ପତିଙ୍କ ଠାରୁ ବାରମାସ ମାତୃଗର୍ଭରେ ରହିବାପରେ ତୁଳସୀ ଦାସ ଜନ୍ମଗ୍ରହଣ କରିଥିଲେ। ଭୂମିଷ୍ଠ ହେବାମାତ୍ରେ ଶିଶୁ ତୁଳସୀ ଦାସ କାନ୍ଦିଲେ ନାହିଁ, କିନ୍ତୁ ତାଙ୍କ ମୁଖରୁ ରାମ ଶବ୍ଦ ବାହାରି ପଡ଼ିଲା। ତାଙ୍କ ପାଟିରେ ୩୨ଗୋଟି ଦାନ୍ତ ଥିଲା। ତାଙ୍କର ଆକୃତି ଜଣେ ପାଞ୍ଚବର୍ଷୀୟ ବାଳକର ଆକୃତି ସଙ୍ଗେ ସମାନ ଥିଲା। ଏହିପରି ଅଦ୍ଭୁତସନ୍ତାନକୁ ଦେଖି ପିତା ଭୟଭୀତ ହୋଇପଡ଼ିଲେ ଏବଂ ବାଳକ ସମ୍ବନ୍ଧରେ ନାନା ପ୍ରକାର କଳ୍ପନାଜଳ୍ପନା କରିବାକୁ ଲାଗିଲେ। ମାତା ହୁଲସୀ ଦେବୀ ମଧ୍ୟ ଚିନ୍ତିତା ହୋଇଗଲେ। ବାଳକର ଅନିଷ୍ଟ ଆଶଙ୍କାକରି ସେ ସେହି ନବଜାତ ଶିଶୁକୁ ନିଜ ଦାସୀ ସହିତ ଶ୍ୱଶୁରଘରକୁ ପଠାଇଦେଲେ ଏବଂ ପରଦିନ ଏହି ସଂସାରରୁ ବିଦାୟନେଲେ। ଦାସୀଟିର ନାମ ଥିଲା ଚୁନିୟାଁ। ସେ ଅତ୍ୟନ୍ତ ସ୍ନେହର ସହିତ ବାଳକଟିକୁ ପାଳନ ପୋଷଣ କରିବାକୁ ଲାଗିଲା। ତୁଳସୀ ଦାସଙ୍କୁ ପ୍ରାୟ ସାଢ଼େ ପାଞ୍ଚବର୍ଷ ହେଲାବେଳକୁ ଦାସୀ ଚୁନିୟାଁର ବି ପରଲୋକ ହୋଇଗଲା। ଫଳରେ ବାଳକଟି ଅନାଥପ୍ରାୟ ହୋଇଗଲା। ସେ ଦ୍ୱାର ଦ୍ୱାରା ହୋଇ ବୁଲିବାକୁ ଲାଗିଲା। ଏହାଦେଖି ବାଳକଟି ପ୍ରତି ମାତା ଜଗଜ୍ଜନନୀ ପାର୍ବତୀଙ୍କ ମନରେ ଦୟା ହେଲା। ସେ ବ୍ରାହ୍ମଣବେଶ ଧରି ତା ନିକଟକୁ ପ୍ରତିଦିନ ଯିବାକୁ ଲାଗିଲେ ଏବଂ ତାକୁ ନିଜ ହାତରେ ଖୁଆଇବାକୁ ଲାଗିଲେ। ଇତିମଧ୍ୟରେ ଭଗବାନ ଶଙ୍କରଙ୍କ ପ୍ରେରଣାରେ ରାମଶୈଳ ଚିତ୍ରକୁଟରେ ବାସ କରୁଥିବା ଶ୍ରୀଅନନ୍ତାନନ୍ଦଙ୍କ ପ୍ରିୟ ଶିଷ୍ୟ ଶ୍ରୀ ନରହର୍ଯ୍ୟାନନ୍ଦ ଏହି ବାଳକଟିକୁ ଖୋଜିପାଇଲେ। ତାକୁ ରାମ ବୋଲ ନାମଦେଇ ସଙ୍ଗରେ ନେଇ ସେ ଅଯୋଧ୍ୟା ଚାଲିଆସିଲେ। ସେଠାରେ ସଂବତ୍ ୧୫୬୧ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଶୁକ୍ରବାର ଦିନ ବାଳକଟିର ଯଜ୍ଞୋପବୀତ ସଂସ୍କାର କରାଇଦେଲେ। ବାଳକ ରାମବୋଲ ବିନା



ଗୋପୀନାଥ ଦାଶ

ଶିକ୍ଷାରେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କଲା। ଏହାଦେଖି ସମସ୍ତେ ଚକିତ ହୋଇଗଲେ। ତାପରେ ନରହରି ସ୍ୱାମିଜୀ ବୈଷ୍ଣବୀୟ ପଂଚ ସଂସ୍କାର କରି ରାମବୋଲକୁ ରାମମନ୍ତ୍ର ଦୀକ୍ଷା ଦେଲେ ଓ ତାକୁ ଅଯୋଧାରେ ରଖି ପାଠ ପଢ଼ାଇଲେ। ବାଳକ ରାମବୋଲର ବୁଦ୍ଧି ବଡ଼ ପ୍ରଖର ଥିଲା। ଗୁରୁଙ୍କ ମୁହଁରୁ ସେ ଥରେ ଯାହା ଶୁଣିଦେଉଥିଲେ, ତାହା ତା'ର କଣ୍ଠସ୍ଥ ହୋଇଯାଉଥିଲା। କିଛିଦିନ ପରେ ଗୁରୁଶିଷ୍ୟ ସେଠାରୁ ଶୂକରକ୍ଷେତ୍ରକୁ ଚାଲିଗଲେ। ସେଠାରେ ନରହରି ସ୍ୱାମିଜୀ ରାମବୋଲଙ୍କୁ ରାମଚରିତ ଶୁଣାଇଲେ। କିଛିଦିନ ପରେ ସେମାନେ କାଶୀ ଚାଲିଆସିଲେ। କାଶୀରେ ସ୍ୱାମୀ ଶେଷସନାତନଙ୍କ ନିକଟରେ ରହି ସେହି ବାଳକ ପନ୍ଦର ବର୍ଷ ପର୍ଯ୍ୟନ୍ତ ବେଦବେଦାଙ୍ଗ ଅଧ୍ୟୟନ କଲେ। ସେଠାରେ ଥିବାବେଳେ ତାଙ୍କ ମନରେ ଗୃହସ୍ଥାଶ୍ରମରେ ପ୍ରବେଶ କରିବାର ବାସନା ଜାତହେଲା। ତେଣୁ ସେ ଶିକ୍ଷାଗୁରୁଙ୍କ ଅନୁମତି ନେଇ ନିଜ ଜନ୍ମଭୂମିକୁ ଚାଲିଆସିଲେ। କିନ୍ତୁ ସେଠାରେ ଆସି ଦେଖିଲେ ତାଙ୍କ ପରିବାରର ସବୁକିଛି ନଷ୍ଟ ହୋଇସାରିଛି। ତେଣୁ ସେ ବିଧିପୂର୍ବକ ନିଜ ପିତା ପ୍ରଭୃତିଙ୍କର ଯଥାବିଧି ଶ୍ରାଦ୍ଧକ୍ରିୟା ସମ୍ପାଦନ କଲେ ଏବଂ ସେଠାରେ ରହି ଲୋକମାନଙ୍କୁ ଭଗବାନ ରାମଙ୍କ କଥା ଶୁଣାଇବାକୁ ଲାଗିଲେ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,*
*ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ,*
*କେନ୍ଦ୍ରାପଡ଼ା,*
*ଦୂରଭାଷ : ୮୮୯୫୨୯୬୧୬୭*

# ରାମ କଥା ସ୍ମରଣ, ରାମକଥା ରସବାହିନୀ

ଆଧାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ। କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ୍ୟ ଏହା ଆହୁରି ପ୍ରାଚୀନ। ପ୍ରଥମେ ବାଲ୍ମିକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ। ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ। ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି।

ଶ୍ରୀ ସାଇବାବା ଶିରିଡ଼ିରେ ନରଦେହରେ ଅବତୀର୍ଣ୍ଣ ହୋଇ ତାଙ୍କର ଲୋକହିତୈଷୀ କର୍ମ ଜାରି ରଖିଥିବା ସମୟରେ ତାଙ୍କର ଭକ୍ତମାନଙ୍କୁ ନିୟମିତ ଆଧାତ୍ମିକ ଗ୍ରନ୍ଥ ପଠନ ଓ ପାଠନ କରିବା ପାଇଁ ପରାମର୍ଶ ଦେଉଥିଲେ। ତଦନୁଯାୟୀ ତତ୍କାଳୀନ ଶିକ୍ଷିତ ଭକ୍ତମାନଙ୍କ ଦ୍ୱାରା ଦୀକ୍ଷିତୱାଡ଼ା ବା ସାଠେୱାଡ଼ାରେ ପବିତ୍ର ଗ୍ରନ୍ଥ ସମୂହର ପାରାୟଣ ଅନୁଷ୍ଠିତ ହେଉଥିଲା। ତେବେ କେବଳ ସେହି ଭକ୍ତମାନଙ୍କୁ ଏଥିରେ ସମ୍ମିଳିତ ହେବାକୁ କୁହାଯାଉଥିଲା, ଯେଉଁମାନେ ଆଧାତ୍ମିକସ୍ତରରେ କିଛିଟା ଉନ୍ନତି କରିପାରିଥିଲେ ଏବଂ ସେମାନଙ୍କର ମନର ପ୍ରଶ୍ନକୋଷରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା। ସାଧାରଣତଃ ଏହିପରି ଭକ୍ତମାନେ ଗ୍ରନ୍ଥରେ ବର୍ଣ୍ଣିତ ବିଷୟଗୁଡ଼ିକୁ ପୂର୍ଣ୍ଣ ରୂପେ ସତ୍ୟ ବୋଲି ମନେ କରିଥାନ୍ତି, ଫଳରେ ସେମାନେ ସେଥିରୁ ସର୍ବାଧିକ ଲାଭ ଉଠାଇଥାନ୍ତି। ଭଗବାନଙ୍କର ଅପାର ଲୀଳା କଥା ପଠନ ଓ ଶ୍ରବଣ କରି ଭଗବାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ତ ବଢ଼ିଥାଏ, ଏହାସହ ଜୀବନର ଚଳଣି ପାଇଁ ସେମାନେ ଏକ ଅବଲମ୍ବନ ପାଇଯାଆନ୍ତି। 'ବିଶ୍ୱାସେ ମିଳଇ ହରି'ର ସୁଧୀ ଓ ଶ୍ରଦ୍ଧେୟ ପାଠକଗଣ, ଯେଉଁମାନଙ୍କ ପ୍ରତି ସାଇବାବାଙ୍କର ଅପାର କରୁଣା ସଦାସର୍ବଦା ରହିଆସିଛି, ସେହିମାନଙ୍କ ହିତ ଉଦ୍ଦେଶ୍ୟରେ ଆମେ ସମୟ ସମୟରେ ଭଗବାନଙ୍କର ଲୀଳା ସମ୍ବନ୍ଧିତ ବିଭିନ୍ନ କଥା ଓ କୀର୍ତ୍ତି ପ୍ରକାଶ କରିଆସୁଛୁ। ଏହାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସର୍ବବ୍ୟାପୀ ଭଗବାନଙ୍କ ଅପାର ମହିମା ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ଓ ସଦାସର୍ବଦା ତାଙ୍କର ପାଦପଦ୍ମରେ ନିଜର ମନକୁ ଲଗାଇ ରଖିବାର ପ୍ରୟାସ କରିବା। ଭଗବାନ ଶ୍ରୀ ସତ୍ୟସାଇ ବାବା 'ରାମକଥା ରସବାହିନୀ' ବିଭିନ୍ନ ଭାଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦିବ୍ୟ



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଜୀବନ ଓ ସାମ୍ପ୍ରତିକ ସମୟରେ ସଦାଚାର ଓ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଦିଗ୍‌ଦର୍ଶନ କରିଯାଇଛନ୍ତି। ରାମ ନାମ ସର୍ବବେଦ ସାର, ରାମ କଥା କ୍ଷୀର ସମୁଦ୍ର ଯାହା ଅତି ପବିତ୍ର ଓ ରସମୟ କାହାଣୀ। ରାମାୟଣ ପ୍ରତ୍ୟେକ ଭାଗ୍ୟବାନ ଭାରତୀୟର ପରମ ମୂଲ୍ୟବାନ ପରମ୍ପରା। ରାମାବତାର କାହାଣୀ ଥିବା ମହାକାବ୍ୟ ରାମାୟଣ ଗୋଟିଏ ଅତି ପବିତ୍ର ଗ୍ରନ୍ଥ। ରାମାୟଣକୁ କୌଣସି ଏକ ବ୍ୟକ୍ତିର ଜୀବନ ଚରିତ ଭାବରେ ନୁହେଁ ଅବତାରଙ୍କ ଆଗମନର ବାର୍ତ୍ତା ଓ ଦିବ୍ୟ କର୍ମଗୁଡ଼ିକର ଆଲେଖ୍ୟ ଭାବରେ ହିଁ ପଢ଼ିବାକୁ ହେବ। ସେହି କାହାଣୀରେ ପ୍ରକାଶିତ ଆଦର୍ଶକୁ ନିଜ ନିଜ ଜୀବନରେ ଉପଲବ୍ଧ ଓ ଅନୁଭବ କରିବାକୁ ପ୍ରତ୍ୟେକ ଲୋକ ଦୃଢ଼ ସଂକଳ୍ପ ହୋଇ ଉଦ୍ୟମ କରିବା ଉଚିତ ବୋଲି ଭଗବାନ ଶ୍ରୀ ସତ୍ୟସାଇ ବାବା ସମ୍ଭାଷଣରେ କହିଛନ୍ତି। ପରମେଶ୍ୱର ସର୍ବଜ୍ଞ, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ସେ ମନୁଷ୍ୟ ଦେହଧରି ଯାହାସବୁ କହନ୍ତି, ଯେଉଁ କର୍ମ ସବୁ ସାଧନ କରନ୍ତି ଓ ଯାହା ସାଧନ କରିବାର ଅଭିଳାଷ ମଧ୍ୟ ପୋଷଣ କରିଥାନ୍ତି ସେ ସମସ୍ତ ଅସାଧାରଣ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ଓ ରହସ୍ୟମୟ। ମାନବ ଜାତିର ସର୍ବଶ୍ରେଷ୍ଠ ପୁରୁଷ ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଯାଏ। ଶ୍ରୀରାମଙ୍କୁ ନୈତିକତା ଓ ଶିଷ୍ଟାଚାରର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଦୈନନ୍ଦିନ ଜୀବନରେ ସେ ଶଦାଚାରକୁ ଗୁରୁତ୍ୱ ଦେଇ କୌଣସି କ୍ଷେତ୍ରରେ ପବିତ୍ର ମାନବୀୟ ମୂଲ୍ୟବୋଧକୁ କ୍ଷଣକ ପାଇଁ ବି ଭୁଲିନାହାନ୍ତି। ପବିତ୍ରତାକୁ ହିଁ କେବଳ ଶ୍ରୀରାମଙ୍କ ସହିତ ତୁଳନା କରାଯାଇପାରେ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ ଆହୁରି ମଧ୍ୟ କହିଛନ୍ତି ଯେପରି ଜଗତର ସମସ୍ତ ଜଳାଶୟର ଆଧାର ହେଲା ସମୁଦ୍ର ସେହିପରି ସମସ୍ତ ପ୍ରାଣୀଙ୍କର ମୂଳାଧାର ରାମ। ଜଳ ବିହୀନ ସମୁଦ୍ରର ଅସ୍ତିତ୍ୱ ଯେମିତି ଅସମ୍ଭବ ଏବଂ ଅସତ୍ୟ, ରାମ ବିହୀନ ପ୍ରାଣୀ ମଧ୍ୟ ସେହିପରି ଅସତ୍ୟ ଓ ଅସମ୍ଭବ। ଭଗବାନ ବାବା ତାଙ୍କ ରାମାବତାରର ସ୍ମରଣୀୟ ମୁହୂର୍ତ୍ତକୁ 'ରାମକଥା ରସବାହିନୀ'ରେ ସମ୍ଭାଷିତ କରିଛନ୍ତି – 'ରାମକଥାର ଅମୃତ ଅଯୋଧା ତଟରେ ପ୍ରବାହିତ ସରଯୂ ନଦୀ ସଦୃଶ। ସରଯୂ ନଦୀ ହିମାଳୟର ମାନସ ସରୋବରରୁ ଜାତ ହୋଇ ତଳକୁ ବହି ଆସୁଥିଲା, ସେହିପରି ରାମକଥା ମଧ୍ୟ ବିଶ୍ୱମାନସ ସରୋବରରୁ ଜାତ। ରାମଝରେ କରୁଣାରସ, ଲକ୍ଷ୍ମଣଝରେ ଭକ୍ତିରସ। ସରଯୂ ଯେମିତି ଗଙ୍ଗା ନଦୀରେ ମିଶି ଏକକାର ହୋଇଯାଇଛି, ସେହିପରି ରାମାୟଣରେ ରାମରୂପୀ କରୁଣାଝର ଓ ଲକ୍ଷ୍ମଣରୂପୀ ଭକ୍ତିଝର ମିଶି ଏକ ହୋଇଯାଇଛି। ତେଣୁ କରୁଣା ଓ ଭକ୍ତି ରାମାୟଣର ଦୁଇ ପ୍ରଧାନ ରସ, ରାମମହିମା ଓ ରାମ ଗୌରବର ବାହକ। ରାମାୟଣର ଏଇ ମହନୀୟ ରସୋମୟ ଚିତ୍ର ପ୍ରତ୍ୟେକ ଭାରତୀୟ ହୃଦୟର ଅତି ଆଦରର ଧନ। ଏହି ରସ ଲାଭ କରିବା ହିଁ ତା'ର ସମସ୍ତ ସାଧନାର ଲକ୍ଷ୍ୟ'। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ଅବିସ୍ମରଣୀୟ ରାମ ନବମୀ ଆମ ସମସ୍ତଙ୍କ ଅନ୍ତର୍ନିହିତ ଆଧାତ୍ମିକ ସେବାକୁ ସମାଜଭିମୁଖୀ କରିବା ପାଇଁ ପଥ ଦେଖାଉ ଏହା ହିଁ କାମନା।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩/*
*୯୪୩୮୫୮୩୨୮୯*

# ରାମ ତାରକ ପରସ୍ୱାଦେ, ମୋହର କବି ଗୁଣଉଦେ

ଆମେ ଯଦି ଗୁମୁସର ଇତିହାସକୁ ଅନୁଧ୍ୟାନ କରିବା ତେବେ ରାମଚନ୍ଦ୍ରଙ୍କ ଭଳି ଉପେନ୍ଦ୍ରଙ୍କର ଯଜ୍ଞ ପ୍ରସାଦରୁ ଜନ୍ମବୋଲି ଉଲ୍ଲେଖ ଅଛି। ତାଙ୍କର ମାତା ଓ ମାତାମହୀ ଥିଲେ ଅତ୍ୟନ୍ତ ଧର୍ମପରାୟଣା। ସୁପୁତ୍ର ଜନ୍ମ ନିମନ୍ତେ ପିତାମହ ଧନଞ୍ଜୟ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରିଥିଲେ। ଉପେନ୍ଦ୍ରଙ୍କର ଜନ୍ମ ଜାତକରେ ମନର କାରକ ଚନ୍ଦ୍ର, ଦେବଗୁରୁ ବୃହସ୍ପତି ଓ ଦୈତ୍ୟଗୁରୁ ଶୁକ୍ରଙ୍କର ସ୍ଥାନ ଥିଲା ନବମ ଘରେ। ଯାହା ସନ୍ତାନ ବିଷ୍ଣୁଭକ୍ତ ହେବାର ଏକ ସୂଚନା। ଯୋଗବାଶିଷ୍ଠ ଆୟୁର୍ବେଦ ଖଣ୍ଡ ଅନୁଯାୟୀ ଚନ୍ଦ୍ର, ଗୁରୁ ଓ ଶୁକ୍ର ପଂଚମ କିମ୍ବା ନବମରେ ଥିଲେ ବ୍ୟକ୍ତି ବିଷ୍ଣୁଲୋକରୁ ଆସି ଜନ୍ମଗ୍ରହଣ କରିଥାଏ। ବାଲ୍ୟକାଳରୁ ଉପେନ୍ଦ୍ର ନିଜ ମାତାମହୀଙ୍କଠୁ ପୁରାଣର କାହାଣୀମାନ ଶୁଣି ଈଶ୍ୱରଙ୍କ ପ୍ରତି ତାଙ୍କର ଅତୁଟ ଭକ୍ତିଭାବ ଉଦ୍ରେକ ହୋଇଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ଇଷ୍ଟଦେବୀ ଦୁର୍ଗାଙ୍କୁ ମାତ୍ର ଛ ମାସ ଜପକରି ମନ୍ତ୍ରସିଦ୍ଧ ହୋଇଥିଲେ ଏବଂ କବିତ୍ୱର ଶକ୍ତି ପ୍ରାପ୍ତିଲାଗି ତାଙ୍କୁ ବର ପ୍ରାର୍ଥନା କରି ସଫଳ ହୋଇଥିଲେ। ଘୁମୁସରର ଇତିହାସ ଅନୁଯାୟୀ ଉପେନ୍ଦ୍ର ଭଞ୍ଜ ଥିଲେ ତନ୍ତ୍ର ସିଦ୍ଧ। ଏବଂ ସେ ଶକ୍ତି ସହିତ ପରଂବ୍ରହ୍ମ ନାରାୟଣ ତଥା ଇଷ୍ଟ ରାମଚନ୍ଦ୍ରଙ୍କର ଅନନ୍ୟ ଭକ୍ତ ଥିଲେ। ପ୍ରତ୍ୟେହ ସେ ଅଶ୍ୱାରୋହଣ କରି ଓଡ଼ଗାଁ ରଘୁନାଥ ଜୀଉଙ୍କ ଦର୍ଶନ ନିମନ୍ତେ ଯାଉଥିଲେ। ବାଟରେ ସେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲେ ଜଣେ ସାଧକ ଶବ ସାଧନା କରୁଛି। ଦେବୀ ଭୈରବୀ ରୂପରେ ଆବିର୍ଭୂତା ହୋଇଛନ୍ତି। ଦେବୀଙ୍କ ଦର୍ଶନରେ ସାଧକ ହୋଇଛି ମୂର୍ଚ୍ଛିତ। ଏହାର ସୁଯୋଗନେଇ ଉପେନ୍ଦ୍ର ଶବ ଉପରେ ବସିପଡ଼ି ଦେବୀଙ୍କୁ ବର ପ୍ରାର୍ଥନା କଲେ ଏବଂ ଭୈରବୀଙ୍କ କୃପାରୁ ସେ ହୋଇଥିଲେ କବିତ୍ୱର ଅଧିକାରୀ। ଅନୁରୂପ ଏକ କିମ୍ବଦନ୍ତୀ ଅନୁଯାୟୀ ବ୍ୟାଘ୍ରଦେବୀଙ୍କ ନିକଟରେ ଜଣେ ସାଧକ ବ୍ରାହ୍ମଣକୁ ବଳିଦେଇ ସେ କବିତ୍ୱ ଶକ୍ତି ପ୍ରାପ୍ତ ହୋଇଥିଲେ। ଏ କିମ୍ବଦନ୍ତୀର ସତ୍ୟତା ସନ୍ଧିହୀନ ମାତ୍ର ବାଲ୍ୟକାଳ ଓ କିଶୋର ଅବସ୍ଥାରେ ଉପେନ୍ଦ୍ର ଦୁର୍ଗା ଓ ବ୍ୟାଘ୍ରଦେବୀଙ୍କର ଭକ୍ତ ଥିଲେ, ଏଥିରେ କୌଣସି ଦ୍ୱିମତ ନାହିଁ।

ଭଞ୍ଜପ୍ରତିଭାର ସ୍ଫୁରଣରେ ଶକ୍ତିର ପ୍ରସନ୍ନତା ମହତ୍ୱପୂର୍ଣ୍ଣ। ମାତ୍ର ଏହାର ବିକାଶ ଓ ସିଦ୍ଧିରେ ରାମଚନ୍ଦ୍ରଙ୍କର ଆଶିର୍ବାଦ ଓ ମାର୍ଗଦର୍ଶନ କାର୍ଯ୍ୟ କରିଛି। ସ୍ୱୟଂ ନିଜେ ଉପେନ୍ଦ୍ର ନିଜର ପ୍ରତିଟି କାବ୍ୟରେ ଏହା ସ୍ୱୀକାର କରିଛନ୍ତି। ସେ ସଦାସର୍ବଦା ପ୍ରଭୂ ରାମଚନ୍ଦ୍ରଙ୍କର ମହିମା ଓ ମହତ୍ୱ ବର୍ଣ୍ଣନାରେ ଶତମୁଖ। କୈଶୋର ଅବସ୍ଥାରେ ରାମତାରକା ମନ୍ତ୍ର ସିଦ୍ଧି ଲାଗି ସେ ରାଜଗୁରୁଙ୍କ ଦ୍ୱାର ଉପବିଷ୍ଟ ହୋଇଥିଲେ। ନିଜର ଉଦ୍ଦେଶ୍ୟକୁ ସାକାର କରିବା ନିମିତ୍ତ ସେ ଅନେକ ରାମପୀଠ ଭ୍ରମଣ କରିଥିଲେ ମଧ୍ୟ ନୟାଗଡ଼ ମାଳୀସାହି ଥିଲା ତାଙ୍କ ରାମ ସାଧନାର କେନ୍ଦ୍ର। ସେଠାରେ ଏବେବି ଏକ ରାମ ମନ୍ଦିର ଓ ଶିବ ମନ୍ଦିର ବିଦ୍ୟମାନ। ଶିବ ହେଉଛନ୍ତି ରାମତାରକ ମନ୍ତ୍ରର ପ୍ରବର୍ତକ। ଉପେନ୍ଦ୍ରଙ୍କ କାବ୍ୟରେ ରାମଙ୍କ ସହିତ ଶିବଙ୍କୁ ବହୁବାର ପ୍ରାର୍ଥନା କରାଯାଇଛି। ଘୁମୁସର ଇତିହାସ ଅନୁଯାୟୀ ଉପେନ୍ଦ୍ର ଓଡ଼ଗାଁର ରଘୁନାଥଙ୍କ ପ୍ରତିଷ୍ଠିତା। ଆଜି ମଧ୍ୟ ପୁରୀର କଣ୍ଟେଇବେଂଟ ସାହିରେ ପ୍ରତିଷ୍ଠିତ ଏକ ମଠର ନାମ ଘୁମୁସର ମଠ। ଯେଉଁଠାରେ ସୀତାରାମଙ୍କ ମୂର୍ତୀ ପୂଜା ପାଉଛନ୍ତି। ଉପେନ୍ଦ୍ର ନିଜର ଶ୍ରୀକ୍ଷେତ୍ର ଆଗମନ କାଳରେ ସୀତାରାମଙ୍କୁ ଆରାଧନା କରୁଥିଲେ। ପୈତୃକ ପରମ୍ପରାନୁସାରେ ଉପେନ୍ଦ୍ର ଥିଲେ ବୈଷ୍ଣବ। ତାଙ୍କ ସମୟକୁ କୃଷ୍ଣପ୍ରେମ ଧର୍ମ ସହିତ ଚୈତନ୍ୟଙ୍କର ଆବିର୍ଭାବ ଘଟିସାରିଥିଲା। ରାମାନୁଜ ଭକ୍ତି ଧର୍ମ ତାର ବିଚିତ୍ର ସ୍ୱରୁପଟିକୁ ନେଇ ଓଡ଼ିଶାରେ ବହୁଳ ପ୍ରସାରିତ ହୋଇଥିଲା। ଚୈତନ୍ୟଙ୍କ ପରକୀୟା ପ୍ରୀତିର ଉଦାହରଣ ଉପେନ୍ଦ୍ରଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ରତି ଓ ପ୍ରୀତିର କାବ୍ୟକାର ହୋଇ ମଧ୍ୟ ସାମାଜିକ ଉଚ୍ଛୃଙ୍ଖଳାତାକୁ ସେ ପ୍ରଶୟ ଦେଇ ନ ଥିଲେ। ସ୍ୱକୀୟା ପ୍ରୀତି ଓ ଏକ ପତ୍ନୀବ୍ରତାର କଠୋର ପରିଧି ଉପେନ୍ଦ୍ର ଲଙ୍ଘନ କରିନାହାନ୍ତି। ଉପେନ୍ଦ୍ର ଥିଲେ ଶକ୍ତି ଓ ରାମଙ୍କର ପରମ ଭକ୍ତ। ଯଦିଓ ରାମଚନ୍ଦ୍ର ତାଙ୍କର ଇଷ୍ଟ ଓ ମାର୍ଗଦର୍ଶକ ଥିଲେ ମାତ୍ର ହିନ୍ଦୁ ଧର୍ମର ଅନ୍ୟାନ୍ୟ ଦେବ ଦେବୀଙ୍କ ପ୍ରତି ତାଙ୍କର ଥିଲା ଯଥୋଚିତ ସମ୍ମାନ। ସେ ତାଙ୍କ କବିତା ବୃତିରେ ଦୁର୍ଗା, ରାମ, ବିଷ୍ଣୁ, ଶିବ, କୃଷ୍ଣ, ଜଗନ୍ନାଥ ବିବିଧ ଅବତାରମାନଙ୍କୁ ସମ୍ମାନିତ କରିଛନ୍ତି। ରାମଚନ୍ଦ୍ରଙ୍କୁ ତାଙ୍କର କବି ପ୍ରେରଣାର ଉତ୍ସ ଭାବରେ ବର୍ଣ୍ଣନା କରି ସେ "ଲାବଣ୍ୟବତୀ" କାବ୍ୟରେ ଲେଖିଛନ୍ତି "ରାମ ତାରକ ପରସାଦେ – ମୋହର କବିପଣ ଉଦେ" ଏଥିପାଇଁ ବୋଧ ହୁଏ ସେ ପ୍ରଥମେ ୮ ଅନୁପ୍ରାସରେ "ବୈଦେହୀଶ ବିଳାଶ" କାବ୍ୟ ରଚନା କରିଥିଲେ। ଏହି କାବ୍ୟକୁ ନେଇ ଏକ ରୋଚକ କଥା ଆସିଥାଏ। ପିଲାବେଳେ ଉପେନ୍ଦ୍ର ଗୋଟିଏ କବିତା ଲେଖି ନିଜ ପିତୃଙ୍କ ଧନଞ୍ଜୟ ଭଞ୍ଜଙ୍କୁ ଦେଖାଇବା ବେଳେ ସେ ହେୟ ଜ୍ଞାନ ପୂର୍ବକ କହିଥିଲେ କି



ଉମାଶଙ୍କର ପ୍ରସାଦ

କବିତା ଲେଖିଛୁବ ? ପାଠକେ 'ବ' ହେଉଛି ଗୋଟି ନିରର୍ଥକ ବୋଧକ ଅକ୍ଷର। ସେହିଦିନ ଉପେନ୍ଦ୍ର କହିଲେ ଅଜା ଯେଉଁଟାକୁ ନିରର୍ଥକ ଓ ହେୟ ମନେକଲ, ସେଇ 'ବ' ଅନୁପ୍ରାସରେ କାବ୍ୟ ରଚନା କରିବି ଓ "ବୈଦେହୀଶ ବିଳାଶ" ଆଜି କାବ୍ୟ ଜଗତର ଏକ ମହାନକାବ୍ୟ। ରାମଚନ୍ଦ୍ରଙ୍କ ଭାବନା ଓ ଭକ୍ତି ତାଙ୍କର ସମସ୍ତ କାବ୍ୟରେ ବିକ୍ଷିପ୍ତ ଭାବରେ ରହିଛି। ରାମ ଓ ବିଷ୍ଣୁଙ୍କ ମଧ୍ୟରେ ସେ କୌଣସି ତାରତମ୍ୟ ଦେଖି ନାହାନ୍ତି। ଯାହାର ନିମ୍ନୋକ୍ତି ଉଦାହରଣରୁ ସ୍ପଷ୍ଟ ଅନୁମେୟ।

"କହେ ଉପଇନ୍ଦ୍ର ମୋ ପ୍ରଭୂ ଶ୍ରୀରାମ
ବୈକୁଣ୍ଠନାଥ ସାକ୍ଷାତ।
ଜାତକଲେ କ୍ଷୀରାର୍ଣ୍ଣବୁ ସୁଧା ମୋର
ଜୀରାର୍ଣ୍ଣକୁ ରସ ଗୀତ, ସେତ"।

ଠିକ୍ ଲାବଣ୍ୟବତୀରେ ସେ ଲେଖିଛନ୍ତି "ଜୟ ଜୟରାମ ଜନକ ସୁଖଦ, ଭୀମ ହରଷ ଦାନରେ ସଦା ବିଶାରଦ"। ଠିକ୍ ସେପରି 'ତଟେିକ' କାବ୍ୟରେ "ହରିତାସ୍ୱର ସର୍ବଦା ଅଙ୍କହୀନ ସେହି, ରାଘବ ଶିବ ବିଧିରେ ଉପଇନ୍ଦ୍ର ଧ୍ୟାୟୀ ଯେ"। କେବଳ ରାମଚନ୍ଦ୍ର ତାଙ୍କର ଇଷ୍ଟ ଥିଲେ ତାହା ନୁହେଁ ଏଥି ସହିତ ମଧ୍ୟ ସେ ସୀତା, ଲକ୍ଷ୍ମଣ, ଭରତ, ଶତୃଘ୍ନ, ଓ ହନୁମାନଙ୍କୁ ମଧ୍ୟ ସେ ବନ୍ଦନା କରିଛନ୍ତି। ସେ ସୀତାରାମଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଏବଂ କସ୍ମିନ୍‌କାଳେ ତାଙ୍କର ହୃଦୟ କନ୍ଦରରୁ ଅନ୍ତର ନ ହେବା ଲାଗି ସୀତାରାମଙ୍କୁ ଆବେଦନ ଜଣାଇ "ଲାବଣ୍ୟବତୀ" କାବ୍ୟରେ ସେ ଲେଖିଛନ୍ତି –

"କହି କବି ଭଞ୍ଜ ବୀରବର ଦିବ୍ୟରସ
ଆହେରାମ ଅବିଘ୍ନେ ଏ ଗୀତକର ଶେଷ।
ସୀତା ସହିତେ ମୋ ଚିତ୍ତୁ ନୋହିବ ଅନ୍ତର
ଏହି ଅଭିଷ୍ଟକୁ କରିଅଛି ନିରନ୍ତର ହେ"।

"ଅବନା ରସ ତରଙ୍ଗରେ" ସେ ଯୁଗ ଯୁଗ ଧରି ତାଙ୍କ ପାଦରେ ସ୍ଥାନ ଲଭିବାକୁ ଲେଖିଛନ୍ତି "ଉପଇନ୍ଦ୍ର ଭଞ୍ଜର ସହସ୍ର ଦଣ୍ଡବତ୍, ଜନମ ଜନମ କର ତବର ଭକତ"। ଉପରୋକ୍ତ ଆଲୋଚନାରୁ ଏହା ଅନୁମେୟ ହୁଏ ଯେ ରାମଚନ୍ଦ୍ର ଥିଲେ ତାଙ୍କର ଆଧାତ୍ମିକ ଭାବନାର କେନ୍ଦ୍ରବିନ୍ଦୁ। ଆଜି ପବିତ୍ର ରାମ ନବମୀରେ ମୋର ଇଷ୍ଟ ତଥା ଉପେନ୍ଦ୍ରଙ୍କର ଇଷ୍ଟ ତଥା ମାର୍ଗଦର୍ଶକ ପ୍ରଭୂ ରାଜୀବ ଲୋଚନ ସମାଜର ମଙ୍ଗଳ ବିଧାନ କରିବାସହ ସମସ୍ତିଙ୍କୁ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ। ଏହା ହିଁ କାମନା।

*ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ*
*ମେନ୍ ରୋଡ୍, ଖୋର୍ଦ୍ଧା*
*ମୋ:୮୮୯୫୫୪୭୪୯୦*

# ଆମେରିକାର ବ୍ୟାଙ୍କିଂ ବ୍ୟବସ୍ଥାରେ ବିପର୍ଯ୍ୟୟ

ସୌମେନ୍ଦ୍ର ଜେନା

ବିଶ୍ୱର ଆର୍ଥିକ ଦେଣନେଣକୁ ନିୟନ୍ତ୍ରଣ କରୁଥିବା ଆମେରିକାର ଆର୍ଥିକ ବଜାରରେ ଏବେ ଅନିଶ୍ଚିତତା ଜାରି ରହିଛି । ନିକଟରେ ସିଲିକନ ଭାଲି ବ୍ୟାଙ୍କ, ସିଗନେଚର ବ୍ୟାଙ୍କ, ସିଲଭର ଗେଟ ବ୍ୟାଙ୍କରେ ବିପର୍ଯ୍ୟୟ ଘଟିଛି । ଅନ୍ୟକୁ ମାର୍ଗଦର୍ଶନ ଦେଉଥିବା, ଅନ୍ୟଦେଶର ବ୍ୟାଙ୍କିଂ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଉଠାଇଥିବା ଜର୍ଜ ସୋରୋସ , ହଡସନ୍ସ, ହିଣ୍ଡେନବର୍ଗ, ଏନ୍‌ଡ୍ରୁଟି ଆଦି ଏବେ ପ୍ରାୟ ଚୁପ୍। କାଲିଫର୍ଣ୍ଣିଆ ରାଜ୍ୟର ଏବଂ ଆମେରିକାର ଏହି ୧୬ଶତମ ବଡ ବ୍ୟାଙ୍କ ୨୦୦୮ ପରେ ସବୁଠୁ ବଡ ବ୍ୟାଙ୍କ ଭାବେ ଦେବାଳିଆ ହେବା ସ୍ତରକୁ ଚାଲିଯାଇଛି । ସେଠାରେ ଅଧ୍ୟାପନା କରୁଥିବା ରଘୁରାମ ରାଜନ, ମୁକ୍ତ ଗଣମାଧ୍ୟମ, ନୋବେଲ ବିଜୟୀ ଅମ□ୟ ସେନଙ୍କ ପରି ଲୋକମାନେ ଥିଲାବେଳେ ଏମିତି କାହିଁକି ହେଲା, ସେତେବେଳେ ସେମାନେ କଣ କରୁଥିଲେ ତାହାହିଁ ସବୁଠୁ ବଡ ପ୍ରଶ୍ନ ହୋଇଛି । ୧୦ ମାର୍ଚ୍ଚ ୨୦୨୩ରେ ସିଲିକନ ଭାଲୀ ବ୍ୟାଙ୍କ ବୁଡିଯିବାର ୨ଦିନ ପରେ ୧୨ ମାର୍ଚ୍ଚରେ ସିଗନେଚର ବ୍ୟାଙ୍କ ବୁଡିବାର ଖବର ଆସିଲା । ଏହାପରେ ଆମେରିକାର ରେଗୁଲେଟର ଏହି ଦୁଇ ବ୍ୟାଙ୍କକୁ ନିଜ ନିୟନ୍ତ୍ରଣକୁ ନେଲେ । ତେବେ ସିଲିକନ ଭାଲୀ ବ୍ୟାଙ୍କର ଖରାପ ଅବସ୍ଥା ଯୋଗୁ ପୃଥିବୀରେ ନିବେଶକମାନଙ୍କର ୩୮ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ତନ୍ମଧ୍ୟରେ ପ୍ରାୟ ୨୧ଟି ଭାରତୀୟ ଷ୍ଟାର୍ଟଅପ କମ୍ପାନୀ ରହିଥିବା କଥା କୁହାଯାଉଛି । ଆଶ୍ଚର୍ଯ୍ୟର ବିଷୟ ହେଲା ଯେ ଫୋର୍ବେସର ୨୦୨୩ ରିପୋର୍ଟରେ ଆମେରିକାର ଭଲ ବ୍ୟାଙ୍କର ତାଲିକାରେ ସିଲିକନ ଭାଲୀ ୨୦ଶତମ ସ୍ଥାନରେ ରହିଥିଲା । ବ୍ୟାଙ୍କ ବୁଡିବାର ୪ଦିନ ପୂର୍ବ ଯାଏଁ ବ୍ୟାଙ୍କକୁ ଷ୍ଟାରରେଟିଂ ଦିଆଯାଉଥିଲା । ବ୍ୟାଙ୍କର ସେୟାର ୭୦୦ରୁ ୪୦ ଡଲାରକୁ ଖସିଯିବା ଯୋଗୁଁ ଏମିତି ଅବସ୍ଥା ହେବା କଥା କୁହାଯାଉଛି । ୨୦୦୮ରେ ୱାସିଂଟନ ମ୍ୟୁଚୁଆଲ ଏମିତି ଦେବାଳିଆ ହୋଇ ୩୦୮ ବିଲିଅନ ଡଲାର ହରାଇଥିଲା । ଆମେରିକାର ବ୍ୟାଙ୍କିଂ ବ୍ୟବସ୍ଥାରେ ଏଭଳି ବିପର୍ଯ୍ୟୟ କିଛି ନୂଆକଥା ନୁହେଁ। ସେଠାରେ ଗୋଟିଏ ବ୍ୟାଙ୍କର ପତନକୁ ସାଧାରଣ ବୋଲି ଧରାଯାଏ । ୧୯୮୭ରେ ଆମେରିକାରେ ଲେହମାନ ବ୍ରଦର୍ସ ଯୋଗୁ ଏବଂ ୧୭ମାର୍ଚ୍ଚ ୨୦୦୮ରେ ପୁନର୍ବାର ଏହି ସଂସ୍ଥା ପାଇଁ ବ୍ୟାଙ୍କିଂ ବ୍ୟବସ୍ଥାରେ ଭୂକମ୍ପ ଆସିଥିଲା । ସେତେବେଳେ ସଂସ୍ଥାର ସେୟାର ୩୮ ପ୍ରତିଶତ ହ୍ରାସ ପାଇଥିଲା। ୧୫ ସେପ୍ଟେମ୍ବର ୨୦୦୮ ବେଳକୁ ଲେହମାନ ବ୍ରଦର୍ସ ଦେବାଳିଆ ହୋଇଯାଇଥିଲା । ଏହାର ପ୍ରଭାବରେ ଆମେରିକାରେ ହାହାକାର ଆସିଥିଲା । ପୃଥିବୀରେ ଏହାର ପ୍ରଭାବରେ ପ୍ରାୟ ୨୧କୋଟି ଲୋକଙ୍କ ରୋଜଗାର ଚାଲିଯାଇଥିଲା। ଏବେ ସ୍ୱିଜରଲ୍ୟାଣ୍ଡର କ୍ରେଡିଟ ସୁସୀ ସଂସ୍ଥା ବୁଡିବା ଅବସ୍ଥାକୁ ଆସିଛି । ଆଦାନୀଙ୍କ ବିରୋଧରେ ହିଣ୍ଡେନବର୍ଗ ସଂସ୍ଥାର ନକାରାତ୍ମକ ରିପୋର୍ଟ ପ୍ରକାଶ ପାଇଲା ପରେ ଆଦାନୀଙ୍କ କୌଣସି ସେୟାରକୁ ସୁସୀ ଗ୍ରହଣ କରିବ ନାହିଁ ବୋଲି ଆଗୁଆ ଘୋଷଣା କରିଦେଲା । ହେଲେ ମାତ୍ର ୨୦ଦିନ ମଧ୍ୟରେ ସୁସୀ ବଜାରରେ ମାଙ୍କଡଚିତ୍ ମାରିଲା । ନିଜକୁ ମଧ୍ୟ ସୁସୀ ରକ୍ଷା କରିପାରିଲା ନାହିଁ । ତେଣୁ ଦ୍ୱିତୀୟ ବଡ ସ୍ୱିସ ବ୍ୟାଙ୍କ ସୁସୀ ବୁଡିବା ଯୋଗୁ ପୃଥିବୀର କଳାଟଙ୍କାର ଗନ୍ତାଘର ଭାବେ ପରିଚିତ ୟୁବିଏମ୍ ୩.୩ ବିଲିଅନ ଡଲାର ମୂଲ୍ୟରେ ଏହି ବ୍ୟାଙ୍କକୁ ଏବେ କିଣିନେଇଛି । ବିଗତ ଦିନରେ ସୁସୀ ବିରୋଧରେ ଅନେକ ଦୁର୍ନୀତି ଅଭିଯୋଗ ଆସିଥିଲା । ପୃଥିବୀର ୫୦ ଦେଶରେ ଏହାର ୧୫୦ ଶାଖାରେ ୫୦୦୦୦କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ତେଣୁ ବ୍ୟାଙ୍କିଂ ରେଟିଂ ସଂସ୍ଥା ମୁଡିଜ୍ ଏବେ ଟାର୍ଗେଟରେ ଆମେରିକାର ଅନ୍ୟ ୬ଟି ବ୍ୟାଙ୍କକୁ ରଖିଛି । ସେଗୁଡିକ ହେଲା (୧) ଫାଷ୍ଟ ରିପବ୍ଲିକ ବ୍ୟାଙ୍କ, (୨) ଜିଓନ୍ସ, (୩) ୱେଷ୍ଟର୍ଣ୍ଣ ଆଲିଆନ୍ସ, (୪) କୋମେରିକା, (୫) ୟୁଏମ୍‌ବି ଫାଇନାନ୍‌ସିଆଲ୍, (୬) ଇନଟ୍ରଷ୍ଟ ଫାଇନାନ୍‌ସିଆଲ୍ । ଏହିସବୁ ବ୍ୟାଙ୍କିଂ ସଂସ୍ଥା ଆଗାମୀ ଦିନରେ ମୁଣ୍ଡବ୍ୟଥାର କାରଣ ହେବାର ସମ୍ଭାବନା ରହିଛି । ଏଥିପାଇଁ ଜୋ ବାଇଡେନଙ୍କୁ ବାଧ୍ୟ ହୋଇ ସାଧାରଣରେ ଏ ସଂକ୍ରାନ୍ତରେ ବକ୍ତବ୍ୟ ଦେବାକୁ ପଡିଛି । କାରଣ ଆମେରିକା ଅର୍ଥ ବ୍ୟବସ୍ଥାରେ ୬୨୦ ବିଲିଅନ ଡଲାର ଇତି ମଧ୍ୟରେ କ୍ଷତି ହୋଇସାରିଲାଣି । ୧୯୮୭ ମାନ୍ଦାବସ୍ଥା ବେଳେ ଆମେରିକାରେ ସିଟିଗ୍ରୁପ, ଆପଲ ଏବଂ ଜେପି ମୋର୍ଗାନର ସେୟାର ୧୮ ପ୍ରତିଶତ ହ୍ରାସ ପାଇଲା ପରି ଏବେ ଆମେରିକା ଆର୍ଥିକ ବଜାରରେ ସେମିତି ଅବସ୍ଥା ଦେଖାଦେଇଛି । ସିଲିକନଭାଲୀ ବ୍ୟାଙ୍କ ଆମେରିକାର କାଲିଫର୍ଣ୍ଣିଆରେ ୧୯୮୩ରେ ସଂସ୍ଥାପକ ରୋଜର ବି ସ୍ମିଥଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ମୋଟ ୧୭.୪୮ ଲକ୍ଷ କୋଟି ଟଙ୍କା ଏହାର ପୁଞ୍ଜି ରହିଥିଲା । ଆମେରିକାର ଆଇଟି କ୍ଷେତ୍ରରେ କାର୍ଯ୍ୟରତ ପ୍ରାୟ ୫୦ ପ୍ରତିଶତ କମ୍ପାନୀ ଏହି ବ୍ୟାଙ୍କ ସହ କାରବାର କରୁଥିଲେ । ଏହି ବ୍ୟାଙ୍କର ଶାଖା ସବୁ ଆମେରିକା ଛଡା କାନାଡା, ଚୀନ, ବ୍ରିଟେନ, ଡେନମାର୍କ, ଜର୍ମାନୀ, ଆୟରଲାଣ୍ଡ, ଇସ୍ରାଏଲ ଏବଂ ସ୍ୱିଡେନରେ ରହିଛି । କୋରୋନା ପରେ ଆଇଟି ସେବାର ବ୍ୟାପକ ବୃଦ୍ଧି ଯୋଗୁ ୨୦୧୯ରେ ଏହି ବ୍ୟାଙ୍କର ସଂପ□ ୫.୮୫ ଲକ୍ଷ କୋଟିରୁ ବଢ଼ି ୨୦୨୨ରେ ୧୭.୪୭ ଲକ୍ଷ କୋଟିରେ ପହଞ୍ଚିଯାଇଥିଲା । ସେମିତି ଅନ୍ୟ ଏକ ଦେବାଳିଆ ବ୍ୟାଙ୍କ ସିଗନେଚର ଆମେରିକାର ୨୯ଶ ସ୍ଥାନରେ ଥିବା ବ୍ୟାଙ୍କ । ଏହା ୨୦୦୧ରେ ସଂସ୍ଥାପକ ଜୋସେଫ ଜେ.ଡିପୋଲୋଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ନିଉୟର୍କ ସହରରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଛି । ବ୍ୟାଙ୍କର ମୋଟ ପୁଞ୍ଜି ୯.୯୬ଲକ୍ଷ କୋଟି ଟଙ୍କା ରହିଛି । ୨୦୦୧ରେ ଆମେରିକାର ରିପବ୍ଲିକ ନେସନାଲ ବ୍ୟାଙ୍କ ଅଫ୍ ନିଉୟର୍କକୁ ଏଚ୍‌ଏସ୍‌ବିସି କିଣିନେଲା ପରେ ଉକ୍ତ ବ୍ୟାଙ୍କର କିଛି ଅଧିକାରୀ ମିଶି ଏହି ବ୍ୟାଙ୍କକୁ ଆରମ୍ଭ କରିଥିଲେ । ଏହି ବ୍ୟାଙ୍କର କର୍ମଚାରୀମାନେ ପ୍ରଥମେ ଅନେକ ଧନୀ ଆମେରିକୀୟଙ୍କୁ ବ୍ୟାଙ୍କ ସହ ଯୋଡିଥିଲେ । ୨୦୧୦ ପର୍ଯ୍ୟନ୍ତ ଏହାର ଗୋଟିଏ କାର୍ଯ୍ୟାଳୟ ନିଉୟର୍କରେ ଥିଲାବେଳେ ୨୦୨୩ ବେଳକୁ ଏହାର ଶାଖା ୪୦ରେ ପହଞ୍ଚିଯାଇଥିଲା । ୨୦୧୮ରେ ବ୍ୟାଙ୍କ କ୍ରିପ୍ଟୋ ମୁଦ୍ରାରେ ବ୍ୟବସାୟ ଆରମ୍ଭ କରିଥିଲା । ୨୦୨୧ପର୍ଯ୍ୟନ୍ତ ବ୍ୟାଙ୍କର ମୋଟ ଜମାର ୧୬ପ୍ରତିଶତ କ୍ରିପ୍ଟୋ ମୁଦ୍ରା ରହିଥିଲା, ଯାହା ୨୦୨୩ରେ ବୃଦ୍ଧିପାଇ ୩୦ ପ୍ରତିଶତ ହୋଇଥିଲା । ବ୍ୟାଙ୍କଗୁଡିକର ବୁଡିଯିବା ପଛରେ ଖରାପ ଋଣ ବୃଦ୍ଧି ପାଇବା ଏକ ପ୍ରମୁଖ କାରଣ ରହିଆସିଛି । କିନ୍ତୁ ଆମେରିକାର ବୁଡିଥିବା ପ୍ରମୁଖ ଦୁଇଟି ବ୍ୟାଙ୍କ ସିଲିକନଭାଲୀ ଏବଂ ସିଗନେଚର ବ୍ୟାଙ୍କ କ୍ଷେତ୍ରରେ ଯେଉଁ ଦୁଇଟି ପ୍ରମୁଖ କାରଣ ରହିଛି ତାହା ହେଲା ସୁଧହାରଜନିତ ବିପଦ, ଗ୍ରାହକଙ୍କ ଲାଭ ପାଇଁ ବିପଦବରଣ କରିବା (ଲିକ୍ୟୁଡିଟୀ) । ସୁଧହାରଜନିତ ବିପଦ (ଇଣ୍ଟରେଷ୍ଟ ରିସ୍କ) କଥା ବିଚାରିଲେ ଜଣାଯିବ ଯେ କୌଣସି ବ୍ୟାଙ୍କ ଅଳ୍ପ ସମୟ ମଧ୍ୟରେ ବାରମ୍ବାର ସୁଧହାର ବୃଦ୍ଧିକୁ ସମ୍ମୁଖୀନ ହେବା ଏକ ଆହ୍ୱାନର ବିଷୟ । ଏବେ ଆମେରିକା ବଜାରରେ ମୁଦ୍ରାସ୍ଫିତି ୪୦ ବର୍ଷରେ ସର୍ବାଧିକ ରହିଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆମେରିକାର ବ୍ୟାଙ୍କ ନିୟନ୍ତ୍ରଣକାରୀ ସଂସ୍ଥା ଫେଡେରାଲ ରିଜର୍ଭ ପକ୍ଷରୁ ମାର୍ଚ୍ଚ ୨୦୨୨ ପରବ□ୀ ମାସଗୁଡିକରେ ଅନେକଥର ସୁଧହାର ବଢାଯାଇଛି, ଯାହା ଏବେ ୪.୫ ପ୍ରତିଶତରେ ପହଞ୍ଚିଛି । ବିଗତ ୧୫ ବର୍ଷ ମଧ୍ୟରେ ଏହିହାର ସର୍ବାଧିକ । ଫେଡେରାଲ ବ୍ୟାଙ୍କର ଆମଦାନୀ ଅଳ୍ପ ସମୟ ମଧ୍ୟରେ ୨ ପ୍ରତିଶତ ବୃଦ୍ଧି ପାଇଲା । ଫଳରେ ଆମେରିକାର ବ୍ୟାଙ୍କ ଏବଂ ପୁଞ୍ଜି ନିବେଶକାରୀମାନେ କମ୍ପାନୀର ବଣ୍ଡ୍ ଏବଂ ସରକାରୀ ଟ୍ରେଜେରୀ ବିଲ୍‌ସରେ ନିବେଶ ନକରି ଫେଡେରାଲ ବ୍ୟାଙ୍କରେ ଜମା କରିବାକୁ ଲାଗିଲେ । ଯେଉଁ କାରଣରୁ ପୁଞ୍ଜି ବଜାରରେ କର୍ପୋରେଟ ବଣ୍ଡସ ଏବଂ ଟ୍ରେଜେରୀ ବିଲ୍‌ସର ମୂଲ୍ୟ ହ୍ରାସ ପାଇଲା । ୱାଲ ଷ୍ଟ୍ରୀଟ ଜର୍ଣ୍ଣାଲ କହିବାନୁସାରେ ୨ ପ୍ରତିଶତ ପୁଞ୍ଜି ଫେଡେରାଲ ବ୍ୟାଙ୍କର ବଢ଼ିବା ଯୋଗୁ ବଜାରରେ ବଣ୍ଡର ମୂଲ୍ୟ ୩୨ ପ୍ରତିଶତ ହ୍ରାସ ପାଇଲା । ସିଲିକନ ଭାଲୀ ବ୍ୟାଙ୍କର ମୋଟ ପୁଞ୍ଜିର ୫୫ ପ୍ରତିଶତ ହେଉଛି ଆମେରିକା ସରକାରଙ୍କ ବଣ୍ଡସ । ତେଣୁ ବଜାରରେ ବଣ୍ଡସର ମୂଲ୍ୟ ହ୍ରାସ ଯୋଗୁ ବ୍ୟାଙ୍କର ପ୍ରବଳ କ୍ଷତି ହେଲା । ତେଣୁ ନଗଦ ଅର୍ଥର ଅଭାବ ଯୋଗୁ ବ୍ୟାଙ୍କ ଅବଧି ପୂରିବା ପୂର୍ବରୁ ଟ୍ରେଜେରୀରୁ ଡଲାର ଉଠାଇବାକୁ ଆରମ୍ଭ କରିଦେଲା । ଫଳରେ ବ୍ୟାଙ୍କ ଦେବାଳିଆ ସ୍ଥିତିକୁ ଚାଲିଗଲା । ବ୍ୟାଙ୍କ କ୍ଷତିର ଅନ୍ୟ ଏକ କାରଣ ଗ୍ରାହକଙ୍କୁ ଲୋଭନୀୟ ସୁବିଧା ପ୍ରଦାନ କରି ଆକର୍ଷିତ କରିବା ନୀତିକୁ ଦେଖିଲେ ଜଣାପଡିବ ଯେ ସିଲିକନ ଭାଲୀ କ୍ଷେତ୍ରରେ ଜମା ତୁଳନାରେ ଅଧିକ ଅର୍ଥ ବାହାର କରାଯିବା ଯୋଗୁ ଅଧିକ କ୍ଷତି ହେଲା । ନଗଦ ଅର୍ଥ ନ କମିବାକୁ ବ୍ୟାଙ୍କ କ□ୃପକ୍ଷ ସିକ୍ୟୁରିଟୀ ପୋର୍ଟଫୋଲିଓରୁ ୨୧ ମିଲିଅନ ଡଲାର ବିକ୍ରି ପାଇଁ ନିଷ□ ଗ୍ରହଣ କଲେ । ଫଳରେ ଆଶାଠାରୁ କମ୍ ମୂଲ୍ୟରେ ପୋର୍ଟଫୋଲିଓ ବିକ୍ରି କରାଯିବା ଯୋଗୁ ବ୍ୟାଙ୍କର ୧.୮ ମିଲିଅନ ଡଲାରର କ୍ଷତି ହେଲା । ମାର୍ଚ୍ଚ ୨୦୨୩ରେ ବ୍ୟାଙ୍କ ଦେବାଳିଆ ସ୍ଥିତିକୁ ଯିବାର ଆଶଙ୍କାକୁ ଜାଣିପାରି ଗ୍ରାହକମାନେ ଭୟରେ ସବୁ ଜମାଅର୍ଥ କାଢି ନେବା ଯୋଗୁ ୧୦ମାର୍ଚ୍ଚ ବେଳକୁ ବ୍ୟାଙ୍କିଂ ବ୍ୟବସ୍ଥା ଭାଙ୍ଗିପଡିଲା । କ୍ରିପ୍ଟୋ ମୁଦ୍ରାକୁ ନେଇ ପ୍ରସିଦ୍ଧିଲାଭ କରିଥିବା ସିଗନେଚର ବ୍ୟାଙ୍କର ମଧ୍ୟ ସମାନ ଅବସ୍ଥା ହେଲା । ଆମେରିକାର ଫେଡେରାଲ ରିଜର୍ଭର ନିୟମ ଅନୁଯାୟୀ ବ୍ୟାଙ୍କରେ ଜମାଥିବା ୨ କୋଟି ଟଙ୍କା ପର୍ଯ୍ୟନ୍ତ ବୀମା ସୁବିଧା ମିଳିଥାଏ । ତେଣୁ ଯଦି କେହି ଏହି ପରିମାଣର ଅର୍ଥରୁ ଅଧିକ ଜମା ବ୍ୟାଙ୍କରେ ରଖିଥାନ୍ତି ତେବେ ସେ ସୁବିଧା ହରାଇବେ । ଏହି ଦୁଇଟିଯାକ ବ୍ୟାଙ୍କରେ ସଂଖ୍ୟାଧିକ ଗ୍ରାହକ ଏବଂ କମ୍ପାନୀର ଜମା ୨ କୋଟି ଟଙ୍କାରୁ କମ୍ ଥିବା ହେତୁ ସେମାନେ ଜମା ଅର୍ଥ କାଢିନେବା ଯୋଗୁ ବ୍ୟାଙ୍କ ଦେବାଳିଆ ହେଲା । ୧୨ମାର୍ଚ୍ଚ ୨୦୨୩ଦିନ ଆମେରିକାର ବ୍ୟାଙ୍କ ନିୟନ୍ତ୍ରଣକାରୀ ସଂସ୍ଥା କହିଲା ଯେ ସିଲିକନ ଭାଲୀ ବ୍ୟାଙ୍କରେ ଜମାଥିବା ଗ୍ରାହକମାନଙ୍କର ଅର୍ଥ ସୁରକ୍ଷିତ ରହିଛି । ଯେଉଁସବୁ ଷ୍ଟାର୍ଟଅପ୍ କମ୍ପାନୀର ଅର୍ଥ ବ୍ୟାଙ୍କରେ ଜମାଅଛି ସେମାନେ କାରବାର କରିବାରେ କୌଣସି ଅସୁବିଧା ହେବନାହିଁ । ଅଥଚ ଆମେରିକାର ଅର୍ଥ ସଚିବ କହିଲେ ଯେ ୨୦୦୮ରେ ୱାସିଂଟନ ମ୍ୟୁଚୁଆଲ ବ୍ୟାଙ୍କ ଦେବାଳିଆ ହେଲାପରେ ଯେମିତି ନିବେଶକମାନଙ୍କୁ ଅର୍ଥ ଫେରସ୍ତ କରାଯାଇଥିଲା,ସେମିତି ୨୦୨୩ ରେ ହେବନାହିଁ । ଯେଉଁ ଲୋକଙ୍କ ଜମା ରହିଛି ସେମାନଙ୍କର ଆବଶ୍ୟକତାକୁ ବିଚାର କରି ହିଁ ଅର୍ଥ ଫେରସ୍ତ କରାଯାଇପାରେ । ଏଥିରୁ ପୁନର୍ବାର ସନ୍ଦେହ ଓ ପ୍ରଶ୍ନବାଚୀ ଛିଡା ହୋଇଛି । ପୃଥିବୀର ଅନେକ ଦେଶର ସରକାରଗୁଡିକ ବଜାରର ମହଙ୍ଗାମାଡକୁ ନିୟନ୍ତ୍ରଣ କରିବାଲାଗି ଏବେ ସୁଧହାରରେ ବୃଦ୍ଧି କରିବା ପାଇଁ ଲାଗିପଡିଛନ୍ତି , ଯାହା ବ୍ୟାଙ୍କଗୁଡିକ ଲାଗି କ୍ଷତିର କାରଣ ହୋଇଛି । ଖବର ଅନୁଯାୟୀ ୨୦୨୨ ଡିସେମ୍ବର ସୁଦ୍ଧା ଆମେରିକାର ବ୍ୟାଙ୍କଗୁଡିକର ୨୨ଲକ୍ଷ କୋଟି ଟଙ୍କା ଅନାବଶ୍ୟକ କ୍ଷତି ହୋଇସାରିଥିଲା । ସାଧାରଣତଃ ବ୍ୟାଙ୍କ ହାତରେ ୧୩ ପ୍ରତିଶତ ନଗଦ ଅର୍ଥ ରହିବା କଥା । କିନ୍ତୁ ସିଲିକନ ଭାଲୀର ୭ ପ୍ରତିଶତ ଏବଂ ସିଗନେଚର ବ୍ୟାଙ୍କର ମାତ୍ର ୫ ପ୍ରତିଶତ ନଗଦ ଅର୍ଥ ରହିଥିଲା । ସାଧାରଣତଃ ବ୍ୟାଙ୍କଗୁଡିକ ମୋଟ ସଂପ□ିର ୨୪ ପ୍ରତିଶତ ସ୍ଥାୟୀ ଆୟ ଏବଂ ବଣ୍ଡସରେ ନିବେଶ କରିଥାନ୍ତି । କିନ୍ତୁ ସିଲିକନ ଭାଲୀ ବ୍ୟାଙ୍କ ନିଜ ସଂପ□ିର ୫୫ ପ୍ରତିଶତ ଅର୍ଥ ବଣ୍ଡସ ଏବଂ ସିକ୍ୟୁରିଟିଜ୍‌ରେ ନିବେଶ କରିଥିଲା । ଆକସ୍ମିକ ଭୟ ଯୋଗୁ ଲୋକେ ନିଜ ନିଜର ଜମାରାଶି ବ୍ୟାଙ୍କରୁ କାଢିନେବା ଯୋଗୁ ବ୍ୟାଙ୍କ ପାଖରେ ନଗଦ ଜମା କମ୍ ହେଲାବେଳେ ସିକ୍ୟୁରିଟିଜ୍ ପରିମାଣ ବଢିଗଲା । ପୃଥିବୀର ଅନେକ ଦେଶରେ ୮ଲକ୍ଷ କୋଟି ଟଙ୍କାରୁ ଅଧିକ ଜମାର ବୀମା ସୁବିଧା ନଥିବା ହେତୁ ସଙ୍କଟ ଜାରିରହିଛି । ଟ୍ରାକ୍ସନର ସୂଚନା ଅନୁଯାୟୀ ସିଲିକନ ଭାଲୀ ବ୍ୟାଙ୍କରେ ଭାରତର ୨୫ଟି ଷ୍ଟାର୍ଟଅପ୍ କମ୍ପାନୀର ନିବେଶ ରହିଛି । ତନ୍ମଧ୍ୟରେ ବ୍ଲୁ ଷ୍ଟୋନ, କାର୍ବେଲ,ରିୟଲିଟୀ ରିୱାର୍ଡ, ପେଟିଏମ୍, ପେଟିଏମ୍ ମଲ, ଟ୍ୟୁଟର ଭିଷ୍ଟା, ୱାନ ୯୭ କମ୍ୟୁନିକେସନ୍ସ, ଶାଦି ଡଟକମ୍, କାରୱାଲେ,ନାପ୍‌ଟୋଲ ଆଦି ପ୍ରମୁଖ । ମିଲିଅନ ଡଲାରରେ ହିସାବ କଲେ ୧୧ଟି ଭାରତୀୟ କମ୍ପାନୀ ଯଥା ପେଟିଏମ୍ ୪୬୮୭, ୱାନ୯୭ କମ୍ୟୁନିକେସନ୍ସ ୨୭୮୭, ପେଟିଏମ୍ ମଲ ୮୦୮, ଭାରତ ଫାଇନାନ୍‌ସିଆଲ ଇନକ୍ଲୁଜନ ୧୪୪, ନାପ୍‌ଟୋଲ ୧୩୩, ବ୍ଲୁଷ୍ଟୋନ ୧୧୧, ଟ୍ୱିଟର ଭିଷ୍ଟା ୧୦୨,ଆଇୟୋଗୀ ୮୫, ଜେନେସିସ କଲର ୭୪, ଲୟାଲଟୀ ରିୱାର୍ଡରେ ୨୮ ମିଲିଅନ ନିବେଶ ହୋଇଛି । କାରଣ ଭାରତର ଷ୍ଟାର୍ଟଅପ୍ କମ୍ପାନୀମାନଙ୍କୁ ଆମେରିକା , ଜାପାନ ଓ ସିଙ୍ଗାପୁର ଆଦି ଦେଶରୁ ନିବେଶ ମିଳିଥାଏ । ଏହାଛଡା ଆଇଟି କ୍ଷେତ୍ରରେ ପ୍ରାୟ ୬୦ ପ୍ରତିଶତ କମ୍ପାନୀମାନଙ୍କର ଖାତା ସିଲିକନ ଭାଲୀ ବ୍ୟାଙ୍କରେ ରହିଛି । ତେଣୁ ନିବେଶ ମିଳୁଥିବା ବ୍ୟାଙ୍କରେ କମ୍ପାନୀର ଖାତା ଖୋଲାଯିବା ସାଧାରଣ କଥା । ତେଣୁ ଏହିସବୁ କମ୍ପାନୀଗୁଡିକ ଆଗାମୀ ଦିନରେ ଆର୍ଥିକ ଚାପର ବଶବ□ୀ ହେବେ । ୧୦ ମାର୍ଚ୍ଚ ୨୦୨୩ ଦିନ ଆମେରିକାର ଏଫ୍‌ଡିଆଇସି ବ୍ୟାଙ୍କର ୧୦ଲକ୍ଷ ୫୦୦ କୋଟିର ସଂପ□ିକୁ ହାତକୁ ନେବାପରେ କହିଛି ଯେ ପ୍ରତି ଖାତାଧାରକ ୨ କୋଟି ୫ ଲକ୍ଷ ଟଙ୍କା ପାଇବେ । ଅନ୍ୟ ପକ୍ଷରେ ଦେଖିଲେ ଗତ ୫ ମାସରେ ଗୋଟିଏବି ୟୁନିକର୍ଣ୍ଣ ଭାରତରେ ସୃଷ୍ଟି ହୋଇନାହାନ୍ତି । ଏଥିରୁ ବିଦେଶୀ ବ୍ୟାଙ୍କର ଭାରତର କମ୍ପାନୀମାନଙ୍କ ଉପରେ ପ୍ରଭାବକୁ ଅନୁମାନ କରାଯାଇପାରେ ତେଣୁ ଭାରତ ସରକାର ଏବେଠୁ କିଛି ବ୍ୟବସ୍ଥା ନକଲେ ଅନେକ ଷ୍ଟାର୍ଟଅପ୍ ଆଗାମୀ ଦିନରେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେବା ନିଶ୍ଚିତ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*




# ପୋଲିସ କାର୍ଯ୍ୟାନୁଷ୍ଠାନ ଦାବୀରେ ଗଣଧାରଣା




କୋଣାର୍କ (ପିଏନ୍)-କୋଣାର୍କ ଥାନାନ୍ତର୍ଗତ ଶିମିଳି ଗ୍ରାମ ପଞ୍ଚାୟତରେ ଦୁଇ ରାଜନୈତିକ ଗୋଷ୍ଠିର ବିବାଦ ପାଇଁ ସରକାରଙ୍କ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ସରପଞ୍ଚଙ୍କ ସମର୍ଥକଙ୍କ ପକ୍ଷରୁ କୋଣାର୍କ ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଘଟଣାରୁ ପ୍ରକାଶ ଯେ ଗତ ୩ ତାରିଖ ଦିନ ଶିମିଳି ଗ୍ରାମ ପଞ୍ଚାୟତରେ କିଛି ବ୍ୟକ୍ତି ସରପଞ୍ଚ ବିଶ୍ୱଜିତ ସ୍ୱାଇଁଙ୍କ ଅନୁପସ୍ଥିତିରେ ଶିମିଳି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରବେଶ କରି କାର୍ଯ୍ୟରତ କର୍ମଚାରୀମାନଙ୍କୁ ମାରଧର କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସରକାରୀ କାଗଜାତ ଚିରାଚିରି କରି କିଛି ଫାଇଲ ନେଇ ଯାଇଥିବା କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଲିଖିତ ଅଭିଯୋଗରୁ ଜଣାପଡିଛି କି ବିଜୟ କୁମାର ସେଠ୍, ଶରତ କୁମାର ବରାଳ, ଦୁଷ୍ମନ୍ତ କୁମାର ବରାଳ, ରଜନୀ ସେଠ୍, କୃଷ୍ଣମୋହନ ବାରିକ, ଲକ୍ଷ୍ମୀଧର ବାରିକ, ସନ୍ତୋଷ ବରାଳ ଓ ବଟକିଶୋର ସେଠ୍‌ଙ୍କ ସମେତ ୨୦ଜଣରୁ ଅଧିକ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରବେଶ କରି ଏପରି କାଣ୍ଡ ଭିଆଇବା ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇ ରଖିଥିବା ସରପଞ୍ଚ ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇ ବିଭିନ୍ନ ଦଫା ଲାଗିଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଘୁଞ୍ଚ ଘୋଡାଉଥିବା ଏବଂ ଉଦ୍ଦେଶ୍ୟମୂଳକ ଭାବେ ଶାସକଦଳର ଏହି ଗୋଷ୍ଠିର ବ୍ୟକ୍ତିମାନେ ବାରମ୍ବାର ଏପରି କରୁଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ଏମାନେ ନିର୍ଭୟରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଅରାଜକତା କରୁଥିବାରୁ ଶିମିଳି ପଞ୍ଚାୟତର ଶତାଧିକ ପୁରୁଷ ଓ ମହିଳା କୋଣାର୍କ ଥାନା ସମ୍ମୁଖରେ ଧାରଣାରେ ବସିରହିଥିଲେ । ଲଗାଣ ବର୍ଷା ହେଉଥିଲେ ବି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ବରିଷ୍ଠ ପୋଲିସ ଅଧିକାରୀମାନେ ଧାରଣାରତ ପଞ୍ଚାୟତବାସୀଙ୍କ ପାଖକୁ ଆସି ବୁଝାସୁଝା କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରତ ପଞ୍ଚାୟତବାସୀମାନେ ଗଣଧାରଣାରୁ ହଟିଥିଲେ ।

## ରେଳଲାଇନରେ ଯୁବକର ଆତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ରେଳଷ୍ଟେସନ ନିକଟରେ ରେଳଲାଇନରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ମୁତାବକ ଏହି ଥାନା ଜାଏମା ପଂଚାୟତ ଅନ୍ତର୍ଗତ ଅନ୍ତପୁର ଗ୍ରାମର ବାବନ ସାହୁଙ୍କ ପୁଅ ପ୍ରତାପ ରାଉତ(୩୫) ବୋଲି ଜଣାପଡିଛି । ପ୍ରତାପ ଜାରକାସ୍ଥିତ ଏକ ଲୁଗା ଦୋକାନରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିଲେ । ସେ ଗତକାଲି ସକାଳୁ ଘରୁ ରାଗିଯାଇ କେଉଁଆଡେ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ । ପରେ ଗତକାଲି ଅପରାହ୍ନରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣାରୁ ମିଳିଥିଲା । ଖବର ପାଇ ଯାଜପୁର ରୋଡ ଜିଆରପି ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି ।

## ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କୁ ଭେଟିଲା ସଂଗ୍ରାମୀ ଯୁବ ଛାତ୍ର ସଂଗଠନ

ଭୁବନେଶ୍ୱର (ପିଏନ୍): ଏକ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ 'ପୋଲ ନାହିଁ, ଭରାନଦୀରେ ପାର ହେଉଛନ୍ତି ୫୦ ପିଲା' ଶୀର୍ଷକ ରିପୋର୍ଟଟି ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାଜନକ । ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ର ଘୁଗୁଡ଼ିପଡ଼ା ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ବୃତ୍ତଙ୍ଗ ନଦୀର କାଚପଲ୍ଲୀ ଓ ଖଚୁଡ଼ି ଘାଟ ଦେଇ ୫୦ରୁ ଉର୍ଦ୍ଧ୍ୱ ପିଲା ବିପଦସଙ୍କୁଳ ଅବସ୍ଥାରେ ପାଠ ପଢ଼ିବା ପାଇଁ ଭରା ନଦୀ ଭିତର ଦେଇ ପାର ହେଉଛନ୍ତି । ଏହି ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ଘଟଣାକୁ ନେଇ ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ତରଫରୁ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନଙ୍କ ସହିତ ଆଲୋଚନା କରାଯାଇଥିଲା । ଶ୍ରୀମତୀ ପ୍ରଧାନ ଘଟଣାଟିକୁ ଗମ୍ଭୀରତାର ସହକାରେ ନେଇ ମାମଲାଟିକୁ ପଞ୍ଜିକୃତ କରିବା ସହ ବିଭାଗୀୟ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ ପାଇଁ ପ୍ରତିଶୃତି ପ୍ରଦାନ କରିଛନ୍ତି । ଏହାସହ ପିଲାମାନେ ସ୍କୁଲକୁ ସୁବିଧାରେ ଯାଆସ କରିବା ପାଇଁ ଶୀଘ୍ର ସେତୁ ନିର୍ମାଣ ପାଇଁ ଆଦେଶ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ସଂଗ୍ରାମୀ ଯୁବଛାତ୍ର ସଂଗଠନର ସଂଯୋଜକ ମୀର ଅହମ୍ମଦ ଅଲ୍ଲୀଙ୍କ ନେତୃତ୍ୱରେ ସହସଂଯୋଜିକା ବିନ୍ଦୁଜା ଉପାଧ୍ୟାୟ, ସଞ୍ଚିତା ମହାନ୍ତି, ସହସଂଯୋଜକ ବିନୋଦ କୁମାର ରାଉତ ଶ୍ରୀମତୀ ପ୍ରଧାନଙ୍କୁ ଭେଟିଥିଲେ ।

# ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ: ଦୁଇବର୍ଷ ପରେବି ଚାଲିପାରିଲାନି ପ୍ୟାସେଞ୍ଜର ଟ୍ରେନ୍






କେନ୍ଦ୍ରାପଡ଼ା (ପିଏନ୍): ବହୁ ପ୍ରତିକ୍ଷିତ ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ ସଂପୂର୍ଣ୍ଣ ହେବାର ୨ବର୍ଷ ବିତିଯାଇଥିଲେ ମଧ୍ୟ ସେହି ରେଳପଥରେ ପ୍ୟାସଞ୍ଜର ଟ୍ରେନ୍ ଚାଲିପାରିଲା ନାହିଁ । ଏ ସମ୍ପର୍କରେ ରାଜନେତାଙ୍କ ସ୍ୱର ଧିରେ ଧିରେ ମଉଳି ଗଲାଣି । ଓଡିଶା ବିଧାନସଭାରେ ଜିଲ୍ଲାର ବିଧାୟକମାନେ ହରିଦାସପୁର-ପାରଦୀପ ରେଳପଥରେ ପ୍ୟାସେଞ୍ଜର ଟ୍ରେନ୍ ଚଳିବାକୁ ସ୍ୱର ଉତ୍ତୋଳନ କରୁଛନ୍ତି ନା ଲୋକସଭାରେ ଓଡିଶାର ସାଂସଦ ମାନେ ଏ ସମ୍ପର୍କରେ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରୁଛନ୍ତି । କେନ୍ଦ୍ରାପଡା ପ୍ରତି ଏହା ଏକ ବୈମାତୃକ ମନୋଭାବ ବୋଲି ଜିଲ୍ଲାବାସୀ ଧରି ନେଲେଣି । ଓଡିଶାର ପ୍ରମୁଖ ବନ୍ଦର ଥିବା ସହରକୁ ସଂଯୋଗ କରୁଥିବା ପାରାଦୀପ-ହରିଦାସପୁର ରେଳପଥ ଦୀର୍ଘବର୍ଷର ଦାବି ପରେ ସମ୍ଭବ ହୋଇପାରିଛି । ଗତ୨୦୨୦ ମସିହା ଜୁଲାଇ ମାସ ୩୦ ତାରିଖରେ ଏହି ରେଳପଥରେ ପ୍ରଥମ କରି ମାଲବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା । ସେହି ସମୟରେ ଏହି ରେଳପଥରେ ଖୁବ୍ ଶୀଘ୍ର ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା । ଦୀର୍ଘ ୮୨ କି.ମି ବିଶିଷ୍ଟ ଏହି ରେଳପଥରେ ବିଭିନ୍ନ ସ୍ଥାନରେ ହୋଇଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିବ ବୋଲି ପୂର୍ବରୁ ରେଳପଥ ପକ୍ଷରୁ କୁହାଯାଇଥିଲା । ୧୯୯୭ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହରିଦାସପୁର-ପାରାଦୀପ ରେଳପଥ ଘୋଷଣା କରାଯାଇ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟ ୨୦୦୭ରେ ଶେଷ ହେବାର ଥିବାବେଳେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ବିଳମ୍ବ ଘଟିଥିଲା । ୨୦୨୦ ଜୁନ୍‌ରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରୀକ୍ଷାମୂଳକ ଭାବେ ମାଲବାହୀ ଟ୍ରେନ୍ ଚାଲିବା ଆରମ୍ଭ ହୋଇଥିଲା । ଏହି ରେଳପଥ ମଧ୍ୟରେ ୯ଗୋଟି ଷ୍ଟେସନ ରହିଛି । ସେଥିମଧ୍ୟରୁ ଯାଜପୁର ଜିଲ୍ଲାର ହରିଦାସପୁର, ଚଣ୍ଡିଖୋଲ, ରତ୍ନଗିରି ରୋଡ୍, ଲଳିତଗିରି, ବାଜିପଡା ଥିବାବେଳେ କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା, ମାର୍ଶାଘାଇ, କଳାଗଡ, ନୂଆଗାଁ ଓ ସିଜୁ ଷ୍ଟେସନ ରହିଛି । ଏହି ସବୁ ଷ୍ଟେସନ ଗୁଡିକକର ଉନ୍ନତିକରଣ କାର୍ଯ୍ୟ ରେଳ ବିକାଶ ନିଗମ ପକ୍ଷରୁ ହାତକୁ ନିଆଯାଇଛି । ତେବେ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ହେତୁ ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବା ସହିତ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳରେ ଅନିଶ୍ଚିତତା ଦେଖାଦେଇଛି । ୨୦୨୧ କେନ୍ଦ୍ର ବଜେଟରେ ଏହି ରେଳପଥ ପାଇଁ ଏକଶହ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ପକ୍ଷରୁ ମଞ୍ଜୁର କରାଯାଇଥିଲା । ଏହି ଅର୍ଥରେ ୨ ଜିଲ୍ଲାରେ ଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ସହ ଷ୍ଟେସନ ଗୁଡିକରେ ଯାତ୍ରୀ ବିଶ୍ରାମାଗର, ଶୌଚାଳୟ, ଅପେକ୍ଷାଗାର ପ୍ରଭୃତି ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା । କିନ୍ତୁ ସେହି ଅର୍ଥକୁ ରେଳଷ୍ଟେସନ କାର୍ଯ୍ୟରେ ନିୟୋଜିତ କରାଯାଇନଥିବା ଅଭିଯୋଗ ହୋଇଛି । ଏହି ରେଳ ପ୍ରକଳ୍ପ ବିଷୟରେ ପୂର୍ବତଟ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସଙ୍କ ସହ ଯୋଗାଯୋଗ କରିବାରୁ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ସେ କହିଛନ୍ତି । ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିଲେ ଜଗତସିଂହପୁର, ପାରାଦୀପ ସହିତ କେନ୍ଦ୍ରାପଡା, ଯାଜପୁର ପ୍ରଭୃତି ଜିଲ୍ଲାର ଲକ୍ଷାଧିକ ଲୋକ ଉପକୃତ ହୋଇପାରିବେ । ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଧୁଭୂଷଣ ମହାପାତ୍ରଙ୍କ କହିବା ଅନୁଯାୟୀ ଏହି ରେଳ ପ୍ରକଳ୍ପ ଯୋଗୁଁ କେନ୍ଦ୍ରାପଡା ଜିଲ୍ଲାବାସୀ ଜମି ଏବଂ ଭୂମି ହରାଇ ବହୁ କଷ୍ଟ ସ୍ୱୀକାର ସହିଛନ୍ତି । ଏଥିସହିତ ଏହି ରେଳ ପ୍ରକଳ୍ପ ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯେଉଁ ମାଟି ଯୋଗାଣ ହୋଇଛି, ତାହା ଆସନ୍ତା ଏକଶହ ବର୍ଷ ପର୍ଯ୍ୟନ୍ତ ପୁରଣ ହୋଇପାରିବ ନାହିଁ । ଏଥିସହିତ ଏହି ରେଳ ପ୍ରକଳ୍ପ ଯୋଗୁଁ ଜଳ ନିଷ୍କାସନ ଏକ ମୁଖ୍ୟ ସମସ୍ୟା ପାଲଟିଛି । ଦୂରଦୃଷ୍ଟିର ଅଭାବ ଯୋଗୁଁ ଉଦବୃତ୍ତ ବର୍ଷା ଏବଂ ବନ୍ୟା ଜଳ ନିଷ୍କାସନ ନିମନ୍ତେ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁଁ ରେଳଧାରଣାର ଉଭୟ ପାର୍ଶ୍ୱରେ ଜଳ ଜମି ରହିବାରୁ ଏହା ଏକ ଜୋର ଭଳି ଭ୍ରମ ସୃଷ୍ଟି କରିବା ସହିତ ହଜାର ହଜାର ଏକର ଜମିରେ ଜଳ ନିଷ୍କାସନ ହୋଇ ନପାରିବାରୁ ଫସଲ ହାନି ଘଟୁଛି । ତେଣୁ ତୁରନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।

## ଭୁଲ ମାଗିବାରୁ ଠକକୁ ଛାଡ଼ିଦେଲା ପୋଲିସ୍

ଧର୍ମଶାଳା (ପିଏନ୍): ଭୁଲ୍ ମାଗିବାରୁ ଜଣେ ଠକକୁ ଛାଡ଼ିଦେଲା ପୋଲିସ୍ । ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ମୁଣ୍ଡମାଳ ଗ୍ରାମର ଜଣେ ଯୁବକ ହନୁମାନ ପଇସା ଦେବ କହି କେତେକ ଲୋକଙ୍କ ଠାରୁ ଟଙ୍କା ଠକି ନେଇଥିଲା । ହନୁମାନ ପଇସା ଦେଇପାରୁ ନଥିବାରୁ ଟଙ୍କା ଦେଇଥିବା ଲୋକ ତାକୁ ମାରପିଟ୍ କରିଥିଲେ । ନିଜ ଗାଁରେ ତାକୁ ହଟହଟା ହେବାକୁ ପଡ଼ିଛି । ଜଣେ ଯୁବତୀଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରିବା ପାଇଁ ପ୍ରବର୍ତାଉଥିବା ବେଳେ ଧରା ପଡ଼ିଥିଲା । ପରିବାର ଲୋକ ଘଟଣା ସଂପର୍କରେ ଜାଣି କୋତପୁର ଫାଣ୍ଡିରେ ଏତଲା ଦେବା ପରେ ପୁଲିସ୍ ତାକୁ ଉଠାଇ ନେଇଥିଲା । ଫାଣ୍ଡିରେ ଉକ୍ତ ଯୁବତୀଙ୍କ ପରିବାର ଲୋକଙ୍କୁ ଭୁଲ୍ ମାଗିବା ସହ ମଧ୍ୟସ୍ଥିଙ୍କ ମାଧ୍ୟମରେ ଘଟଣାର ସମାଧାନ କରି ଫେରିଥିବା ଜଣାପଡ଼ିଛି । ପ୍ରକାଶ ଯେ, ମୁଣ୍ଡମାଳ ଗ୍ରାମର ସଂପୃକ୍ତ ଯୁବକ ଏକ ର୍‍ୟାକେଟ୍ କରି ଧର୍ମଶାଳା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କେତେକ ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ଟଙ୍କା ଅଗ୍ରିମ ଆଣିଥାଏ । ଟଙ୍କା ଠକି ନେବାପରେ ଆଉ ଧରାଛୁଆଁ ଦିଏନାହିଁ । ଏଥିପାଇଁ ଉକ୍ତ ଯୁବକ ବହୁବାର ଲୋକଙ୍କ ଆକ୍ରୋଶର ଶିକାର ହୋଇଛି । ଏହା ସତ୍ତ୍ୱେ ନୂଆ ନୂଆ ସ୍ଥାନରେ ପହଞ୍ଚି ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ନିଜ ର୍‍ୟାକେଟ୍ ସହଯୋଗରେ ଟଙ୍କା ଲୁଟି ନେଉଥିଲା । ସେହିପରି ଝିଅପିଲାଙ୍କୁ ନାଚ ଶିଖାଇବ ବୋଲି କହି ସେମାନଙ୍କୁ ଅନୈତିକ କାମରେ ଲଗାଉଥିବା ନେଇ ତା' ନାଁରେ ବହୁ ଅଭିଯୋଗ ରହିଛି । ଏହିପରି ଅନେକ ଅଭିଯୋଗ ସ୍ଥାନୀୟ ଅଞ୍ଚଳର କିଛି ମଧ୍ୟସ୍ଥିଙ୍କ ମାଧ୍ୟମରେ ସମାଧାନ କରି ଉକ୍ତ ଯୁବକ ଆଇନ ଜାଲରୁ ଖସି ଯାଉଥିବା ଜଣାପଡ଼ିଛି ।

## ଶିଶିର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା






କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଅଙ୍ଗୁଳାଇ ନିକଟସ୍ଥ ଜରିପଡା ଗ୍ରାମରେ ସମାଜସେବୀ ଶିକ୍ଷକ ନେତା ଶିଶିର ଦାସଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ସମାଜସେବୀ ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅମୀୟ କୁମାର ନାୟକ ଗୀତାପାଠ କରିଥିଲେ । ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଙ୍ଗୁଳାଇ ଶାଖାର ସଭାପତି ରହିବା ସହ ଅନେକ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ସମ୍ପାଦକ କରୁଣାକର ଦାସ, ସଂଗଠନ ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁ, କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ମାର୍ଶାଘାଇ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ଲେଙ୍କା, ଅରବିନ୍ଦ ପରିଡା, ସୁରେଶ ଚନ୍ଦ୍ର ପଟ୍ଟନାୟକ, ନୀଳମାଧବ ରାଉତ, ନେତ୍ରାନନ୍ଦ କର, ବଳରାମ ସାହୁ, ଶ୍ରୀକାନ୍ତ ସାହୁ, ଉମାକାନ୍ତ ଦାସ ପ୍ରମୁଖ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରିବାର ପକ୍ଷରୁ ସାନଜ୍ୱାଇଁ ଓ ନାତୁଣୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାର ଏବଂ ଅଞ୍ଚଳ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

## କେନାଲରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ହରିଦାସପୁର ପଂଚାୟତ ଅନ୍ତର୍ଗତ ଚାରବାଟିଆସ୍ଥିତ ଏକ କେନାଲରୁ ଗତକାଲି ସନ୍ଧ୍ୟାରୁ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ଏହି ପଂଚାୟତ କୋହ୍ଲ ଗ୍ରାମର ମକର ସାହାଣୀ (୬୫) ବୋଲି ଜଣାପଡିଛି । ସେ ଗତକାଲି ସନ୍ଧ୍ୟାରେ ଘରୁ ଆସି ଆଉ ଫେରିନଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ପାଇ ନଥିଲେ । ହେଲେ ଆଜି ଅପରାହ୍ନରେ ସ୍ଥାନୀୟ ଅଂଚଳର କିଛି ଲୋକ ଶୌଚ ହେବାକୁ କେନାଲକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ । ପରବର୍ତୀ ସମୟରେ ଏହା ସ୍ଥାନୀୟ କୋହ୍ଲ ଗ୍ରାମର ମକର ସାହାଣୀଙ୍କ ମୃତଦେହ ବୋଲି ସ୍ଥାନୀୟ ଲୋକେ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଧର୍ମଶାଳା ଥାନା ପୁଲିସ ସେଠାରେ ପହଁଚି ମୃତଦେହକୁ ଜବତ କରିବା ସହ ୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଜିଲ୍ଲାରେ ପ୍ରଥମ ଥର ତିନିଜଣ ଭିନ୍ନକ୍ଷମଙ୍କୁ ଥେରାପିଉଟିକ ସେବା ପାଇଁ ଭୁବନେଶ୍ୱର ପ୍ରେରଣ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭୁବନେଶ୍ୱରର ପୋଖରୀପୁଟ ଠାରେ ରାଜ୍ୟ ଭିନ୍ନକ୍ଷମ ଅନୁଷ୍ଠାନ ଗଠନ କରି ସେଠାରେ ଏକ ବର୍ଷରୁ ୧୪ ବର୍ଷ ମଧ୍ୟରେ ଆସୁଥିବା ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାର ଥେରାପିଉଟିକ ସେବା ଓ ସ୍ୱତନ୍ତ ଶିକ୍ଷା (ସଙ୍ଗୀତ, କଳା, କ୍ରାଫ୍ଟ) ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ସେଠାରେ ଅଭିଜ୍ଞ ପ୍ରଶିକ୍ଷକମାନେ ରହି ମାଗଣାରେ ଏହି ସେବା ଯୋଗାଇ ଦେଉଛନ୍ତି । ସେଠାରେ ରହୁଥିବା ଭିନ୍ନକ୍ଷମ ଓ ଜଣେ ସହାୟକଙ୍କ ରହିବା, ଖାଇବା ମାଗଣାରେ ଯୋଗାଇ ଦେବାର ବ୍ୟବସ୍ଥା ଅଛି । ଏପରିକି ତାଙ୍କ ଘରଠାରୁ ଉକ୍ତ ଅନୁଷ୍ଠାନ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ନେଇ ପହଞ୍ଚାଇବା ଓ ଫେରାଇଆଣି ଘରେ ପହଞ୍ଚାଇବାର ବ୍ୟବସ୍ଥା ରହିଛି ।

ଏହି ମର୍ମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକର ଶଙ୍ଖପଦା ଗ୍ରାମର ରାଜକିଶୋର ସ୍ୱାଇଁଙ୍କ ଦୁଇ ଯାଆଁଳା ପିଲା ଅହମ ସ୍ୱାଇଁ (୪ ବର୍ଷ) ଓ ଅହଲ୍ୟା ସ୍ୱାଇଁ (୪ ବର୍ଷ) ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ବଡମୂଳବସନ୍ତ ଗ୍ରାମର ବାଦଲ ମଲ୍ଲିକଙ୍କ ୬ବର୍ଷର ସାଇ ମଲ୍ଲିକଙ୍କ ଅଭିଭାବକଙ୍କୁ ବୁଝାଇ ଏକ ସ୍ୱତନ୍ତ୍ର ଗାଡିରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ପଠାଯାଇଛି । ସେମାନଙ୍କୁ ପ୍ରଶାସନ ଦୁଇଟି ସ୍ୱତନ୍ତ୍ର ଗାଡିରେ ତାଙ୍କ ଗ୍ରାମରୁ ଜିଲ୍ଲା କାର୍ଯ୍ୟାଳୟକୁ ଆଣିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗାପ୍ରସାଦ ମହାରଣା ଓ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ପିଲାମାନଙ୍କୁ ଖେଳନା ଓ ମିଠା ପ୍ୟାକେଟ ଦେଇ ସ୍ୱାଗତ କରିଥିଲେ ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ଏହି ନୂତନ ଯୋଜନା ଉପରେ ସମସ୍ତଙ୍କୁ ଅବଗତ କରିବା ପରେ ଉଭୟ ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଗାଡିକୁ ଭୁବନେଶ୍ୱର ଅଭିମୁଖେ ପଠାଇଥିଲେ । ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ଭିନ୍ନକ୍ଷମଙ୍କୁ ସେବା ଯୋଗାଇଦେବାରେ ଅଗ୍ରାଧିକାର ଦେଉଥିବାର ପ୍ରମାଣ ଆଜିର ଏହି କାର୍ଯ୍ୟକ୍ରମ ଏକ ଅଂଶବିଶେଷ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି । ଏଭଳି ଏକବର୍ଷରୁ ୧୪ ବର୍ଷର ଭିନ୍ନକ୍ଷମ ପିଲାମାନେ ଯଦି ମାଗଣାରେ ଥେରାପିଉଟିକ ସେବା ଚାହାନ୍ତି ତେବେ ସ୍ଥାନୀୟ ବ୍ଲକ କିମ୍ବା ଜିଲ୍ଲା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ଅଳପୁଆ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବୀ ଜୋର ଧରିଲା

କେନ୍ଦ୍ରାପଡ଼ା (ପିଏନ୍): ଚିର ବନ୍ୟା, ବାତ୍ୟା ପ୍ରପିଡିତ ଅଳପୁଆ ପଞ୍ଚାୟତ ଅଧିବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ହାଇସ୍କୁଲ ପରିସରରେ ଏକ ନୂତନ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି ପ୍ରଶାସନର କାଳକ୍ଷେପଣ ନୀତି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଧିବାସୀମାନଙ୍କୁ ନିରାଶ କରିଛି । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ନିର୍ମିତ ହୋଇଥିବା ଆଶ୍ରୟସ୍ଥଳକୁ ସୁରକ୍ଷା ଦୃଷ୍ଟିକୋଣରୁ ଭାଙ୍ଗି ଦିଆଯାଇଥିଲା । କାରଣ ସଂପୃକ୍ତ କୋଠାର ନିର୍ମାଣ କାର୍ଯ୍ୟ ନିମ୍ନମାନର ଥିଲା । ତେବେ ସେହି ସ୍ଥାନରେ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ପ୍ରଶାସନର ପ୍ରତିଶୃତି ପାଣିରେ ଗାର ସଦୃଶ ହୋଇଛି । ଏଥିପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି । ଏ ସମ୍ପର୍କରେ ଅଳପୁଆବାସୀଙ୍କ ପକ୍ଷରୁ ପ୍ରଶାସନ ଓ ନେତୃମଣ୍ଡଳୀଙ୍କୁ ବାରମ୍ବାର ଅବଗତ ମଧ୍ୟ କରାଯାଇଛି । କିନ୍ତୁ ଅଦ୍ୟାବଧି କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଅଳପୁଆ ପଞ୍ଚାୟତ ଅଧିବାସୀଙ୍କ ପକ୍ଷରୁ ସମାଜସେବୀ ଅକ୍ଷୟ କୁମାର ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଶ୍ରୀରାମ ନବମୀ ମହୋତ୍ସବ, ୫୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା ଓ ଆଜ୍ଞାମାଳ ଯାତ୍ରା ଅନୁଷ୍ଠିତ

ଭଦ୍ରକ, (ପି.ଏନ): ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଚଳିତ ବର୍ଷ ରୀତିନୀତି ଅନୁଯାୟୀ ଆଜି କଳସ ଶୋଭାଯାତ୍ରା, ଆଜ୍ଞାମାଳ ଅଣାଯିବା କାର୍ଯ୍ୟ ସହିତ ଯଜ୍ଞ କର୍ମ ଆରମ୍ଭ ହୋଇଛି। ପୂର୍ବାହ୍ଣରେ ତିନୋଟି ଆଧ୍ୟାତ୍ମିକ ସ୍ଥଳୀ ଆରଡ଼ି ବାବା ଆଖଣ୍ଡଳମଣି, ଯାଜପୁର ମା' ବିରଜା ଓ ମା' ଭଦ୍ରକାଳୀଙ୍କ ପୀଠରୁ ଶତାଧିକ ଭକ୍ତଙ୍କୁ ନେଇ ଆଜ୍ଞାମାଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶ୍ରୀରାମ ନବମୀ ମହାଯଜ୍ଞ ସକାସେ ସହରର ବାବା ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞାରମ୍ଭ ହୋଇଥିଲା। ଅପରାହ୍ନ ୩ଘଟିକାରେ ଶହଶହ ସଂଖ୍ୟାରେ ମହିଳାମାନେ ଗାନ୍ଧୀ ପଡ଼ିଆ ଯଜ୍ଞସ୍ଥଳରୁ ବାହାରି ଅସ୍ତଳ ଗ୍ରାମ ହୋଇ ସାଳନ୍ଦୀ ନଦୀ ଘାଟରେ ପହଂଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜା ପରେ ମହିଳାମାନେ ଘଟୋ ଳନ କରିଥିଲେ। ପରେ ଶୋଭାଯାତ୍ରାରେ ବନ୍ତ ଛକ, ଅର୍ପବିନ୍ଧା ଛକ, କଚେରୀ ବଜାର, ଟାଉନହଲ ଛକ, ନୂଆବଜାର ହୋଇ ଗାନ୍ଧୀ ପଡ଼ିଆକୁ ଫେରିଥିଲେ। ଯଜ୍ଞ ମଣ୍ଡପରେ ରୀତିନୀତି ମୁତାବକ ପୂଜାକର୍ମ ଆରମ୍ଭ କରାଯାଇଛି। ଆଜିଠାରୁ ଏହି ପୂଜା ଯଥା, ରାମ ନବମୀ ଯଜ୍ଞ, ହନୁମାନ ଚାଳିଶା ପାଠ ଆଦି ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଯଜ୍ଞ କର୍ମରେ କର୍ତ୍ତା ଭାବେ ସନାତନ ସାହୁ, ଅମ୍ବିକା ପ୍ରସନ୍ନ ଦାସ ସପତ୍ନୀକ ସଂକଳ୍ପ କରିଛନ୍ତି। ଆଜି ବାବା ଆଖଣ୍ଡଳମଣିଙ୍କ ପୀଠରୁ ବରିଷ୍ଠ ସମାଜସେବୀ କିଶୋର ନାୟକ, ବିରଜା କ୍ଷେତ୍ରରୁ ବଦ୍ରିନାରାୟଣ ଧଳ, ଭଦ୍ରକାଳୀଙ୍କ ପୀଠରୁ ଡାକ୍ତର ପ୍ରଦୀପ ନାୟକ ଓ ଅନିଲ ବେହେରାଙ୍କ ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଥିବା ବେଳେ ମହିଳାଙ୍କ କଳସ ଶୋଭାଯାତ୍ରାରେ ମାଳତୀଲତା ସାହୁ, ରଞ୍ଜିତା ସ୍ୱାଇଁ, କଳ୍ପନା ଜେନା, ଭାରତୀ ବିଶ୍ୱାଳ, ଗୀତା ପଢିଆରୀ, ହରପ୍ରିୟା ସାହୁ, ମନସ୍ମିତା ଖିଆ, ଲିପିକା ବାରିକ, ଉଷା ପାଢୀ, ରମିତା ପାଢୀ, ଉର୍ମିଳା ସେଠୀ, ପଦ୍ମିନୀ ଦ୍ୱିବେଦୀ, ଉର୍ମିଳା ସାହୁ, ଶ୍ରାବଣୀ କିନ୍ନର, ଚୈତାଳୀ ଖିଲାର, ନବନୀତା ନାୟକ, ମମତା ବେହେରା, ସୁମିତ୍ରା ପାଣି, ତପସ୍ୱିନୀ ମହାପାତ୍ର ପ୍ରମୁଖ ବିଭିନ୍ନ ବିଭାଗର ଦାୟିତ୍ୱ ନିର୍ବାହ କରିଥିଲେ। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ରାୟ ରାମାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଢିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ଉପସଭାପତି ପ୍ରଦିପ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ବରିଷ୍ଠ ସଦସ୍ୟ ଜଗନ୍ନାଥ ଦାଶ, ଭଗବାନ ପଣ୍ଡା, ଶ୍ରୀହର୍ଷ ସ୍ୱାଇଁ, ନିତ୍ୟାନନ୍ଦ ନାୟକ, ସୁବ୍ରତ ନାୟକ, ଭାଗବତ ବାରିକ, ବିଦ୍ୟାଧର ସାହୁ, ଦୀନବନ୍ଧୁ ପତି, ଉପଦେଷ୍ଟା ଅଭିମନ୍ୟୁ ସେଠୀ ପରିଚାଳନା କରିଥିବା ବେଳେ ତୁଷାର ଦାସ, ସ୍ୱାଧୀନ ସୁନ୍ଦର ଦାସ, ସୁରେଶ ସାମଲ, ଦେବାଂଶୁ ରାଉତ, ମିଳନ ବଳ, ସୁଧୀର ଦ୍ୱିବେଦୀ, ପ୍ରତାପ ଦାସ, ଜ୍ୟୋତିପ୍ରକାଶ ସାହୁ, ଶିବଶଙ୍କର ଦାସ, ବସନ୍ତ ରାଉତ, ବିକାଶ ପାଢୀ, ମୁକେଶ ବାରିକ, ଦେବାଶିଷ ଗ୍ରହାଚାର୍ଯ୍ୟ, କାହ୍ନୁ ଖୁଣ୍ଟିଆ, ସନ୍ତୋଷ ସାହୁ, ସରୋଜ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବଦଳାଇବା ପାଇଁ ଲାଂଚ ନେବା ମାମଲାରେ କିରାଣୀଙ୍କୁ ୪ ବର୍ଷ ଜେଲ ଓ ୧୦ ହଜାର ଜରିମାନା

କନ୍ଧମାଳ,(ପି.ଏନ): ଜଣେ କର୍ମଚାରୀଙ୍କର ବ୍ୟାଙ୍କ ଆକାଉଣ୍ଟ ବଦଳାଇବାକୁ ତାଙ୍କ ଠାରୁ ୭ ହଜାର ଟଙ୍କା ଲାଂଚ ନେବା ମାମଲାର ଶୁଣାଣୀ କରି ଆଜି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିଚାରପତି ସମରବିଳାସ ବେହେରା ମାମଲାର ସାକ୍ଷୀ ଓ ପ୍ରମାଣ ଆଧାରରେ, ମାମଲାର ଅଭିଯୁକ୍ତ, ଫୁଲବାଣୀ ଉଦ୍ୟାନକୃଷି ବିଭାଗର କିରାଣୀ ପ୍ରଦୀପ କୁମାର ଚୌଧୁରୀଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ୪ ବର୍ଷ ଜେଲ ଦଣ୍ଡ ଆଦେଶ ସମେତ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ତାଙ୍କୁ ଆଉ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି. ରାମଦାସ ପରିଚାଳନା କରୁଥିଲେ। ସୂଚନା ଅନୁସାରେ ଫୁଲବାଣୀ ଉଦ୍ୟାନ ବିଭାଗର ତତ୍କାଳୀନ କନିଷ୍ଠ କିରାଣୀ ପ୍ରଦୀପ କୁମାର ଚୌଧୁରୀ ଗତ ୨୦୧୮ ମସିହାରେ ଉଦ୍ୟାନକୃଷି ବିଭାଗର କାର୍ଯ୍ୟାଳୟ ରେ କାର୍ଯ୍ୟରତ ସୁନୀଲ କୁମାର ବେହେରାଙ୍କ ଦରମା ଆକାଉଣ୍ଟକୁ ବାଲିଗୁଡାରୁ ଫୁଲବାଣୀ ଆନ୍ଧ୍ର ବ୍ୟାଙ୍କକୁ ସ୍ଥାନାନ୍ତରିତ କରିବା ପାଇଁ କିରାଣୀ ପ୍ରଦୀପ ୭ ହଜାର ଟଙ୍କା ଲାଂଚ ଦାବି କରିଥିଲେ। ସୁନୀଲ ଏ ନେଇ ଦୁର୍ନୀତି ନିବାରଣ ବିଭାଗର ସହାୟତା ଲୋଡ଼ିଥିଲେ। ଭିଜିଲାନ୍ସ ବିଭାଗର ପୂର୍ବ ପ୍ରସ୍ତୁତି ଅନୁସାରେ ପ୍ରଦୀପ ଟଙ୍କା ଗ୍ରହଣ କରିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରା ପଡିଥିଲେ। ବିଭାଗ ପକ୍ଷରୁ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏ ନେଇ ଏକ ମାମଲା ୪୪/୧୮ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଭିଜିଲାନ୍ସ ଅଧିକାରୀ ପୁଲସ୍ତି ଛତ୍ରିଆଙ୍କ ନେତୃତ୍ୱରେ ଚଢାଉ କରା ଯାଇଥିବା ବେଳେ ମାମଲାର ତଦନ୍ତ ଫୁଲବାଣୀ ଭିଜିଲାନ୍ସ ଡିଏସପି ଆର କେ ସୁନା କରିଥିଲେ।

# ପୁରୀ ଧାମନ୍ଦିର ଆଶ୍ରମରେ ବାର୍ଷିକ ଶ୍ରୀ ଶ୍ରୀ ଅନ୍ନପୂର୍ଣ୍ଣା ପୂଜା

ପୁରୀ,(ପି.ଏନ): ପୁରୀ ଧାମନ୍ଦିର ଆଶ୍ରମରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ତିନିଦିନ ବ୍ୟାପୀ ଆରମ୍ଭ ହୋଇଛି ଶ୍ରୀ ଶ୍ରୀ ଅନ୍ନପୂର୍ଣ୍ଣା ପୂଜା। ଏହି ପୂଜାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗର ଅନେକ ଭକ୍ତ ଯୋଗଦେଇ ମାଆ ଙ୍କ ଚରଣରେ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ। ପୂଜା ଅବସରରେ ପ୍ରଥମ ଦିବସଟିକୁ ଆଶ୍ରମ ତରଫରୁ ଶିକ୍ଷା ଦିବସ ଭାବରେ ପାଳନ କରାଯାଇଛି। ଉକ୍ତ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ସାହିତ୍ୟିକ ଡ଼ାକ୍ତର ଦେବେନ୍ଦ୍ର କୁମାର ମାନସିଂହ, ପୂର୍ବତନ କୁଳପତି ଡ଼ଃ ହରିହର ହୋତା ଯୋଗଦେଇ ଶିକ୍ଷା ଏକ ମାନବ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଅୟୁର୍ବେଦଚାରୀ ଡାକ୍ତର ଏ ନାରାୟଣ ଆଚାରୀ,ତଥା ନିର୍ମଳାକୃତି ବିକାଶ ଟ୍ରଷ୍ଟ ଅଧ୍ୟକ୍ଷ ଇଞ୍ଜିନିୟର ଦିଲ୍ଲୀପ ପଟ୍ଟନାୟକ, ପି ଏନ ବି ର ପୂର୍ବତନ କ୍ଷେତ୍ରିୟ ପରିଚାଳକ ପ୍ରଶାନ୍ତ ପଟ୍ଟନାୟକ ଆଧ୍ୟାତ୍ମିକ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ୟୁ ଅନ୍ ର ନିର୍ଦ୍ଦେଶକ ଏ ଜଗନ୍ନାଥ ଆଚାରୀ, ସ୍ତମ୍ଭକର ହରିଶଙ୍କର ମିଶ୍ର ଛାତ୍ରଛାତ୍ରୀ ମାନଙ୍କୁ ଚରିତ୍ର ଗଠନରେ ମହାପୁରୁଷ ଙ୍କ ବାଣୀର ଆବଶ୍ୟକ ତା ଉପରେ ଆଲୋକପାତ କରି ସେମାନଙ୍କ ଜୀବନ ଶୈଳୀ ସରସ ସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ସଭାରେ ଆଶ୍ରମର ସଂଯୋଜକ ଶ୍ରୀଗୁରୁଚରଣ ଦାସ ସଭାପତିତ୍ୱ କରିଥିବା ବେଳେ ଆଶ୍ରମର ଆଚାର୍ଯ୍ୟ ବାପି ଦା ସମ୍ପାଦକ ଦେବବ୍ରତ ସରକାର ଉପସ୍ଥିତ ଥିଲେ। ଶେଷରେ ୭୦ ଜଣ ଛାତ୍ରଛାତ୍ରୀ ଙ୍କୁ ପଠନ ସାମଗ୍ରୀ ବିତରଣ ସହିତ ୪୦ ଟି ପରିବାର କୁ ରନ୍ଧନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଆସନ୍ତା ୨୮ ତାରିଖରେ ଶ୍ରୀକୃଷ୍ଣ ପ୍ରତିଷ୍ଠା ତିଥି ପାଳନ କରାଯିବା ସହିତ ୨୯ତାରିଖ ଦିନ ଅଶୋକାଷ୍ଟମୀ ତିଥିରେ ଶ୍ରୀ ଶ୍ରୀ ଅନ୍ନପୂର୍ଣ୍ଣା ପୂଜା ଆଶ୍ରମ ପରିସରରେ ଅନୁଷ୍ଠିତ ହେବ।

# ରାଜସ୍ୱ ସମୀକ୍ଷା ବୈଠକ - ରାଜସ୍ୱ ଆଦାୟ ବୃଦ୍ଧି ଉପରେ ଜିଲାପାଳଙ୍କ ଗୁରୁତ୍ୱ

ଭଦ୍ରକ,(ପି.ଏନ): ଆଉ ୩ ଦିନ ପରେ ୨୦୨୩ ମାର୍ଚ୍ଚ ମାସର ଆର୍ଥିକ ବର୍ଷର ସମାପ୍ତି ଘଟିବ। ଜିଲାର ରାଜସ୍ୱ ବୃଦ୍ଧି ନେଇ ରାଜସ୍ୱ ସମୀକ୍ଷା ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସଂପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷମାନଙ୍କୁ ତାଗିଦ କରିଛନ୍ତି। ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଦୁଇ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି ଓ ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ରଙ୍କ ସମେତ ୭ଟି ତହସିଲର ତହସିଲଦାର, ଜିଲା ସବ୍‌ରେଜିଷ୍ଟ୍ରର, ଜିଲା ଅବକାରୀ ଅଧିକାରୀ, ଜିଲା ସଡକ ପରିବହନ କର୍ତ୍ତୃପକ୍ଷ (ଆରଟିଓ) ଙ୍କ ସମେତ ବିଭିନ୍ନ ଲାଇନ୍ ଡିପାର୍ଟମେ ର ଅଧିକାରୀମାନେ ଯୋଗ ଦେଇଥିଲେ। ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ମାସ ସୁଦ୍ଧା ରାଜସ୍ୱ ଆଦାୟରେ ଆଶାନୁରୂପ ବୃଦ୍ଧି ଘଟିନଥିବା ନେଇ ଜିଲାପାଳ ଶ୍ରୀ ବୋନ୍ଦର ଅସନ୍ତୋଷ ପ୍ରକାଶ କରିଥିଲେ। ଆର୍ଥିକ ବର୍ଷ ଶେଷସୁଦ୍ଧା ଲକ୍ଷଧାର୍ଯ୍ୟ ଠାରୁ ଅଧିକ ରାଜସ୍ୱ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଜିଲାର ବିକାଶଧାରାରେ ବିଭିନ୍ନ ଲାଇନ୍ ଡିପାର୍ଟମେ ତରଫରୁ ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ କିମ୍ବା ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମକୁ ତହସିଲଦାରମାନେ ଗୁରୁତ୍ୱଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଭଦ୍ରକ ଆଖଣ୍ଡଳମଣି ଆରଡି ୪ କିମି ରାସ୍ତାର ସଂପ୍ରସାରଣ କାର୍ଯ୍ୟର ଜବରଦଖଲ କିମ୍ବା ରାସ୍ତାପାର୍ଶ୍ୱରେ ଥିବା ଗଛଗୁଡିକର ଉଚ୍ଛେଦ କାର୍ଯ୍ୟକୁ ଅବହେଳା ପ୍ରଦର୍ଶନ ନକରି ତୁରନ୍ତ କାର୍ଯ୍ୟ ସଂପାଦନ କରିବାକୁ ଅଧିକ ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠିତ ସମୀକ୍ଷା ବୈଠକରେ ଫେବୃୟାରୀ ମାସ ସୁଦ୍ଧା ରାଜସ୍ୱ ଆଦାୟର ଡିମେ ୨୯ କୋଟି ୮୬ ଲକ୍ଷ ୯୨ ହଜାର ଥିବାବେଳେ ଆଦାୟ ହୋଇଛି ୨୦ କୋଟି ୬୨ ଲକ୍ଷ ୫୦ ହଜାର। ଯାହାକି ୬୯.୦୫ ପ୍ରତିଶତ। ଭଦ୍ରକ ତହସିଲର ଡିମେ ୪ କୋଟି ୪ ଲକ୍ଷ ୭୩ ହଜାର ଥିବାବେଳେ ଆଦାୟ ହୋଇଛି ୨ କୋଟି ୬୭ ଲକ୍ଷ ୭ ହଜାର (୬୫.୯୯%)। ସେହିପରି ବାସୁଦେବପୁର ତହସିଲର ଡିମେ ୧ କୋଟି ୩୨ ଲକ୍ଷ ୯୯ ହଜାର ଥିବାବେଳେ ଆଦାୟ ହୋଇଛି ୧ କୋଟି ୯୧ ଲକ୍ଷ ୯ ହଜାର (୧୪୩.୬୯%), ବନ୍ତ ତହସିଲର ଡିମେ ୧ କୋଟି ୭୪ ଲକ୍ଷ ୧୨ ହଜାର ଥିବାବେଳେ ଆଦାୟ ହୋଇଛି ୫୨ ଲକ୍ଷ ୩୭ ହଜାର (୩୩.୦୮%), ଭଣ୍ଡାରିପୋଖରୀ ତହସିଲର ଡିମେ ୧୪ କୋଟି ୮୧ ଲକ୍ଷ ୬ ହଜାର ଥିବାବେଳେ ଆଦାୟ ହୋଇଛି ୪ କୋଟି ୩ ଲକ୍ଷ ୬୮ ହଜାର (୨୭.୨୬%), ଚାନ୍ଦବାଲିର ଡିମେ ୬ କୋଟି ୫୬ ଲକ୍ଷ ୫୭ ହଜାର ଥିବାବେଳେ ଆଦାୟ ହୋଇଛି ୧୦ କୋଟି ୫୫ ଲକ୍ଷ ୨୪ ହଜାର (୧୬୦.୭୨%), ଧାମନଗର ତହସିଲର ଡିମେ ୭୩ ଲକ୍ଷ ୨୬ ହଜାର ଥିବାବେଳେ ଆଦାୟ ହୋଇଛି ୩୪ ଲକ୍ଷ ୧୮ ହଜାର (୪୬.୬୬%), ତିହିଡି ତହସିଲର ଡିମେ ୬୪ ଲକ୍ଷ ୧୯ ହଜାର ଥିବାବେଳେ ଫେବୃୟାରୀ ମାସ ଶେଷ ସୁଦ୍ଧା ୫୮ ଲକ୍ଷ ୮୭ ହଜାର ରାଜସ୍ୱ ଆଦାୟ ହୋଇଅଛି (୯୧.୭୧%)।

# ମଠକରଗୋଳାରେ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା

ଭୁବନ,(ପି.ଏନ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମଠକରଗୋଳା ସେବା ସମବାୟ ସମିତି ପରିସରରେ ସମିତି ସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ ଯେ, ଚାଷୀ ଭାଇ ମାନେ ହେଉଛନ୍ତି ସମାଜର ମେରୁଦଣ୍ଡ। ଚାଷୀ ଙ୍କ ଉନ୍ନତି ନହେଲେ ଦେଶର ଉନ୍ନତି ଅସମ୍ଭବ। ଚାଷ ଓ ଚାଷୀ ଭାଇ ମାନଙ୍କ ଉନ୍ନତି ସକାଶେ ରାଜ୍ୟ ସରକାର ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା କରିଛନ୍ତି। ଆପଣମାନେ ଏହି ସୁବିଧାର ଫାଇଦା ନେବାକୁ ଆହ୍ୱାନ କରିଥିଲେ। ମଠକରଗୋଳା ସେବା ସମବାୟ ସମିତି ସଭାପତି ନିରଂଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ୧୨ ନମ୍ବର ଜୋନ ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ଯୋଗଦେଇ ଭୁବନ, ବାରୁଆଁ, ସୁରପ୍ରତାପପୁର, ବାଲିବୋ, ମହୁଲପାଳ ଏବଂ ମାର୍ଥାପୁର ସମିତି ର ଗୋଦାମ ଗୃହ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ସମୁଦାୟ ୧ କୋଟି ୫୦ ଲକ୍ଷ ଟଙ୍କା ମଂଜୁର କରାଇଥିବା ସଂପର୍କରେ ସୂଚନା ଦେଇଥିଲେ ଏବଂ ଖୁବ ଶୀଘ୍ର ଏଟିଏମ ମଧ ଖୋଲିବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଡିଆରସିଏସ ଶ୍ରୀମତୀ ସରୋଜିନୀ ଜେନା, ଭୁବନ ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ, ଏୟୁସିସି ବ୍ୟାଙ୍କ, ଭୁବନ ଶାଖା ପରିଚାଳକ ଗଣେଶ୍ୱର ଖଟୁଆ, ବ୍ୟାଙ୍କ ସୁପରଭାଇଜର କ୍ଷୀରୋଦ ଚନ୍ଦ୍ର ପାତ୍ର, ଏଜିଏମ ଅକ୍ଷୟ ମୁଦୁଲି, ଏଆରସିଏସ ଇନ୍ସପେକ୍ଟର ବିମଳ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷିଭିତିକ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ସମିତିର ସମସ୍ତ ଡାଇରେକ୍ଟର ଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। ଅନୁରୂପଭାବେ ଭୁବନ ବ୍ଲକର ଜିରାଳ, ସୁରପ୍ରତାପପୁର, ଭୂଷଳ, ବାଲିବୋ ଏବଂ ଭୁବନରେ ମଧ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

# ଖଜୁରିପଡା ରେ ସ୍ୱାଭିମାନ ଓ ସଖି ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,(ପି.ଏନ): ଖଜୁରୀପଡା ସଦରମହକୁମା ରାଜୀବଗାନ୍ଧୀ ସେବାକେନ୍ଦ୍ର ଠାରେ ଆଜି ସ୍ୱାଭାବିକ ଓ ସଖି ଅନୁଷ୍ଠାନ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟତଃ ନିର୍ଯ୍ୟାତିତ ମହିଳା ଏବଂ ନାବାଳିକା ମାନଙ୍କ ସମନ୍ୱିତ ସୁବିଧା, ଆଇନଗତ ସହାୟତା, ସାମାଜିକ ପରାମର୍ଶ, ପାରିବାରିକ ହିଂସା, ସାଇବର ଅପରାଧ, ମହିଳା ଚାଲାଣ, ବାଲ୍ୟ ବିବାହ,ଯୌତୁକ ନିର୍ଯ୍ୟାତନା, କୁଷ୍ଠରୋଗର କାରଣ ନିରାକରଣ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ଶତାଧିକ ମହିଳା ଯୋଗଦାନ କରିଥିବା ବେଳେମହିଳା ଓ ଶିଶୁବିକାଶ ବିଭାଗ ତରଫରୁ ଅଙ୍ଗନୱାଡି କର୍ମୀ ଏବଂ ସୁପରଭାଇଜର ମାନେ ଯୋଗଦାନ କରିଥିଲେ। ସେହିଭଳି ଅତିଥି ଭାବେ ଖଜୁରୀପଡା ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ ଏବଂ ସରପଂଚ ମନୋରଂଜନୀ ଯାନୀ ଯୋଗଦାନ କରି କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ସଚେତନତା ବାର୍ତା ପ୍ରଦାନ କରିଥିଲେ। ଭୁବନେଶ୍ୱର ସ୍ୱାଭିମାନ ଅନୁଷ୍ଠାନ ତରଫରୁ ମିହିର ମହାନ୍ତି ଯୋଗଦାନ କରି କୁଷ୍ଠ ରୋଗର କାରଣ ଲକ୍ଷଣ ଏବଂ ବର୍ତମାନ ବହୁଳ ସଚେତନତା କାରଣ ରୁ କୁଷ୍ଠ ରୋଗର ହ୍ରାସ ହୋଇଥିବା ଏବଂ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ। ବିଲିଗୁଡା ସ୍ଥିତ ବନବାସୀ ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ପାରିବାରିକ ଅଦାଲତ ପ୍ରିନସିପାଲ ସରିତା ପଟ୍ଟନାୟକ, ସଖି ଅନୁଷ୍ଠାନ ର ମୁଖ୍ୟ ପରିଚାଳିକା ଅପୂର୍ଣ୍ଣା ବେହେରା ପ୍ରମୁଖ ଯୋଗଦାନ କରିଥିବା ବେଳେ କାର୍ଯ୍ୟକ୍ରମରେ ନନ୍ଦିତା କୁମାରୀ ଆଇନ ସଚେତନତା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସଂଧ୍ୟାରାଣୀ ମଲିକ, ଜୟସ୍ମିତା ମହାନ୍ତି ଏବଂ ପ୍ରଜ୍ଞା ପ୍ରାରମ୍ଭିକା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି। ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ। ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି। ଏହାର ସମାଧାନ ଆମ ନିଜ ପାଖରେ ଅଛି। ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Thursday March 30, 2023 ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୩୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ରାମ ନବମୀରେ ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ମାନ୍ୟବର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମାନ୍ୟବର କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ୩୦ ମାର୍ଚ୍ଚ ୨୦୨୩ ଶ୍ରୀରାମ ନବମୀ ଦିବସରେ ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନର ଶୁଭାରମ୍ଭ ଅବସରରେ କଟକ ରେଳ ଷ୍ଟେସନ ଠାରେ ସବୁଜ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ କରିବେ । ଶୁଭାରମ୍ଭ ଦିବସରେ ଏହି ଟ୍ରେନ୍ କଟକ ଷ୍ଟେସନରୁ ଛାଡିବ କିନ୍ତୁ ଏହି ଟ୍ରେନ ର ନିୟମିତ ସେବା ୩୧ ମାର୍ଚ୍ଚ ୨୦୨୩ ରୁ ଉଭୟ ପାର୍ଶ୍ୱରୁ ପ୍ରାରମ୍ଭ କରାଯିବ । ଏହି ଟ୍ରେନ ର ପ୍ରଚଳନ ଉଭୟ ଭଦ୍ରକ





ଏବଂ ନୟାଗଡ଼ ଜିଲ୍ଲାର ଲୋକଙ୍କ ଆକାଂକ୍ଷାକୁ ପୂରଣ କରିପାରିବ । ମାନ୍ୟବର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃ ବିକାଶର ଭିତ୍ତିପ୍ରସ୍ତର ସମାରୋହରେ ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ଏକ ନୂତନ ଟ୍ରେନ୍ ଚଳାଚଳ କରାଇବାକୁ ଘୋଷଣା କରିଥିଲେ । ଏହି ଅଞ୍ଚଳର ଯାତ୍ରୀମାନଙ୍କ ଆରାମ ତଥା ସୁବିଧା ପାଇଁ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିରନ୍ତର ପ୍ରଚେଷ୍ଟାର ଏହା ହେଉଛି ଫଳାଫଳ । ମଧ୍ୟବର୍ତ୍ତୀ ଷ୍ଟେସନ ମାନଙ୍କରେ ଟ୍ରେନ ବଦଳାଇବା ପରିବର୍ତ୍ତେ ? ଏହି ଟ୍ରେନ ସିଧା ସଳଖ ଭାବେ ଯାତ୍ରା ପାଇଁ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କୁ ସୁବିଧା ଯୋଗାଇବ । ଏହି ନୂତନ ଟ୍ରେନ୍ ଏହାର ଶୁଭାରମ୍ଭ ଦିନରେ ଅର୍ଥାତ୍ ୩୦ ମାର୍ଚ୍ଚ ୨୦୨୩ ରେ ସ୍ୱତନ୍ତ୍ର ଟ୍ରେନ୍ ଭାବରେ ଚଳାଚଳ କରିବ । ୦୮୫୫୫/୦୮୫୫୬ ଭଦ୍ରକ-ନୟାଗଡ଼ ଟାଉନ୍-ଭଦ୍ରକ୍ ମେମୁ ଟ୍ରେନ ଭଦ୍ରକରୁ ସକାଳ ୦୫ଘ.୪୫ମି.ରେ ଛାଡି ପୂର୍ବାହ୍ନ ୧୧ଘ.୫୫ମି.ରେ ନୟାଗଡ଼ ଟାଉନରେ ପହଞ୍ଚିବ । ଫେରିବା ମାର୍ଗରେ ନୟାଗଡ଼ ଟାଉନରୁ ଏହି ଟ୍ରେନ୍ ଅପରାହ୍ନ ୦୫ଘ.୦୫ମି.ରେ ଛାଡି ଭଦ୍ରକ ଠାରେ ରାତ୍ରି ୧୦ଘ.୪୫ମି.ରେ ପହଞ୍ଚିବ । ଏହି ଟ୍ରେନ୍ ଉଭୟ ଦିଗରୁ ଭଦ୍ରକ ଏବଂ ନୟାଗଡ଼ ଟାଉନ୍ ମଧ୍ୟରେ ଥିବା ସମସ୍ତ ଷ୍ଟେସନ୍ ଏବଂ ପାସେଞ୍ଜର ହଲ୍ଟ ମାନଙ୍କରେ ରହଣି କରିବ ।

## ଜଗନ୍ନାଥପୁର-ପାରାଚକରେ ମା ବାସନ୍ତୀକ ଦୁର୍ଗାଦେବୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର-ପାରାଚକ ଗ୍ରାମରେ ମା' ବାସନ୍ତୀକ ଦୁର୍ଗାଦେବୀଙ୍କ ୭୦ତମ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ରବିବାର ବିଲ୍ୱବରଣ, ସୋମବାର ଅଷ୍ଟୋ□ର ଶତ କଳସ ଯାତ୍ରା ଓ ଜଳାଭିଷେକ ଓ ନବପତ୍ରିକା ପ୍ରବେଶ କରାଯାଇଥିବା ବେଳେ ମଙ୍ଗଳବାର ମହାଷ୍ଟମୀ ପୂଜା ଓ ଚଣ୍ଡୀପାଠ ସହିତ ମଧ୍ୟରାତ୍ରରେ ସନ୍ଧି ପୂଜା ଅନୁଷ୍ଠିତ ହୋଇଥିଲା । ଆଜି ମହାନବମୀ ପୂଜା, ଚଣ୍ଡୀପାଠ, ୧୦୮ ଦୀପଦାନ, କୁମାରୀ ପୂଜା ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଶୁକ୍ରବାର ମହାଦଶମୀ ପୂଜା, ଅପରାଜିତା ପୂଜା, ସମୂହ ପୁଷ୍ପାଞ୍ଜଳି ସହ ବନ୍ଦାପନା, ଅଳତା ଓ ସିନ୍ଦୁରଲାଗି କରାଯାଇ ଘଟ ବିସର୍ଜନ କରାଯିବ । ଏଥି ସହିତ ଶନିବାର ଅପରାହ୍ନରେ ମା ବାସନ୍ତୀକ ଦୁର୍ଗାଦେବୀଙ୍କ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏଥି ସହିତ ସୋମବାର ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର କେଶବ ଦାସ ଦ୍ୱିତୀକୃଷ୍ଣଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ଚିତ୍ରକୋଣ୍ଡାରେ ଘରେ ଘରେ ପୃଷ୍ଟି ପ୍ରୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲା କୃଷି ବିଭାଗ ଏବଂ ଉଦ୍ୟାନ କୃଷି ବିଭାଗ ମିଳିତ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବଡ଼ଫାର୍ମ ଠାରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ସାତଗୋଟି ପଂଚାୟତର କୋଡିଏ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ମାନଙ୍କୁ ନେଇଆଜି ଘରେ ଘରେ ପୃଷ୍ଟି ପ୍ରୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଶାରୁ ପୃଷ୍ଟିହୀନତା ଦୂର କରିବାକୁ ପ୍ରତେକ ପରିବାରକୁ ବିଭିନ୍ନ ଫଳ ମୂଳ ଗଛ ଦିଆଯିବା ସହ ପ୍ରତି ଘରେ ଘରେ ମାଣ୍ଡିଆରୁ ତିଆରି ବିଭିରନ୍ନ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ କୃଷି ଏବଂ ଉଦ୍ୟାନ କୃଷି ବିଭାଗ ତରଫରୁ ପ୍ରୟାସ ଜାରି ରହିଛି । ଏହି ଅବସରରେ କୃଷି ବିଭାଗ ତରଫରୁ କୋଡିଏ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମିନି ପାୱାରଟିଲର ପ୍ରଦାନ କରାଯାଇ ଯାହାକି କୃଷି ବିଭାଗ ତରଫରୁ କୃଷି ଯନ୍ତ୍ରପାତି ୭୫ ଶତକଡା ସବସିଡି ରେ ପ୍ରଦାନ କରାଯାଇଛି । ଏଥି ସହ ମାଣ୍ଡିଆ ରେ ଚାଷ ଓ ଖାଦ୍ୟ କୁ ଗୁରୁତ୍ୱ ରୋପ କରାଯାଇଥିବା ବେଳେ ଉଦ୍ୟାନ କୃଷି ତରଫରୁ ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଏକ ବକ୍ସ କିଟ ରେ ସାତ ପ୍ରକାର ଫଳ ଓ ପନିପରିବା ଗଛ ପ୍ରଦାନ କରାଯାଇଥିଲା । ଲେମ୍ବୁ, ମୁନିଙ୍ଗା, କଦଳୀ, ଅମୃତ ଭଣ୍ଡା ସହ ଅନ୍ୟାନ୍ୟ ଗଛ ପ୍ରଦାନ କରାଯାଇଥିଲା । ପୃଷ୍ଟିହୀନତା ରୋକିବାକୁ ପ୍ରତି ଘର ଚାରି ପାଖରେ ଆବଶ୍ୟକୀୟ ଫଳ ଓ ପନିପରିବା ଖାଇବାକୁ ପାଇଲେ ଗୋଟିଏ ଶିଶୁ, କିଶୋରୀ ବାଳିକା କି ଗର୍ଭବତୀ ମହିଳା ପୃଷ୍ଟିହୀନତା ଶିକାର ହେବ ନାହିଁ । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର କୃଷି ଓ ସଶକ୍ତିକରଣ ପରାମର୍ଶଦାତା ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ ମାଲକାନଗିରି ଜିଲା ମୁଖ୍ୟ କୃଷି ଅଧିକାରୀ ନନ୍ଦାଗିରି ହୟଗ୍ରୀବ ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମହେନ୍ଦ୍ର ମାଝୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବ୍ଲକ କୃଷି ଅଧିକାରୀ ପରମେଶ୍ୱର ଜେନା ପରିଚାଳନା କରିଥିଲେ । ଘରେ ଘରେ ପୃଷ୍ଟି ପ୍ରୟାସ କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୋବନ୍ଦପାଲି ଏଡିଓ ସନ୍ଦୀପ କୁମାର ସାହୁ, ମାଲକାନଗିରି ଏଏଇ ସନ୍ଦୀପ କୁମାର ସରକାର, ଉଦ୍ୟାନ କୃଷି ର ଚିତ୍ରକୋଣ୍ଡା ସହ ଉପନିର୍ଦ୍ଦେଶକ ନମିତା ମାଢ଼ି, ୱାସନ ଅନୁଷ୍ଠାନ ର ଡିପିଏମ ସୌମ୍ୟ ରଞ୍ଜନ ମାଝୀ, ପିଏ ଏମ ଅଭିଷେକ ମହାନ୍ତି, ପ୍ରକଳ୍ପ ଯନ୍ତ୍ରୀ ପ୍ରତିଦେନ୍ଦୁ ପ୍ରୀତିଭୂଷଣ ଓ ଚିତ୍ରକୋଣ୍ଡା ପିଏ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସାମଲ ଅତିଥିଭାବେ ଯୋଗଦେଇ ସହଯୋଗ କରିଥିଲେ ।

## ପ୍ରଥମ ଟ୍ରେଡ୍ ଆଣ୍ଡ୍ ଇନ୍‌ଭେଷ୍ଟମେଣ୍ଟ ୱାର୍କିଂ ଗ୍ରୁପ୍ ମିଟିଂ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ମୁମ୍ବାଇଠାରେ ଅନୁଷ୍ଠିତ ଏହି ତିନିଦିନିଆ ବୈଠକରେ ଜି୨୦ ସଦସ୍ୟ, ଆମନ୍ତ୍ରିତ ଦେଶ, ଆନ୍ତର୍ଜାତୀୟ ସଂଗଠନର ର ୧୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ବିଶ୍ୱ ବାଣିଜ୍ୟ ଏବଂ ପୁଁଜି ବିନିଯୋଗକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆଲୋଚନା କରିବେ । ଏହାର ପ୍ରଥମ ଦିନରେ ଆକଂରିଂ ପାଇଁ ଇଣ୍ଡିଆ ଇଏକ୍ସଆଇଏମ୍ ବ୍ୟାଙ୍କ ଏବଂ ଏକ୍ସପୋର୍ଟ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ୍ ଅଫ୍ ଇଣ୍ଡିଆ ଆଦି ଏଜେନ୍ସିକୁ ଚୟନ କରାଯାଇଛି । ଏହି ସେମିନାରରେ ଦୁଇଟି ଅଧିବେଶନ ରହିବ । ପ୍ରଥମ ଅଧିବେଶନରେ ବ୍ୟାଙ୍କର ଭୂମିକା, ଆର୍ଥିକ ଅନୁଷ୍ଠାନ ଉନ୍ନତ ଆର୍ଥବକ ପ୍ରତିଷ୍ଠାନ ଏବଂ ଏକ୍ସପୋର୍ଟ କ୍ରେଡିଟ୍ ଏଜେନ୍ସି ଆଦି ସମ୍ବନ୍ଧୀୟ ଆଲୋଚନା କରାଯିବ ଏବଂ ଦ୍ୱିତୀୟ ଅଧିବେଶନରେ ଡିଜିଟାଲାଇଜେସନ୍ ଏବଂ ଫିନ୍ଟେକ୍ ସମାଧାନଗୁଡିକ ବାଣିଜ୍ୟ ଆର୍ଥିକ ପ୍ରବେଶକୁ ଉନ୍ନତ କରିବା ବିଷୟରେ ଆଲୋଚନା କରାଯିବ ।

# ୫-ଟି ସଚିବଙ୍କ ମାଲକାନଗିରି ଗସ୍ତ, ବିଭିନ୍ନ ଉନ୍ନୟନ କାମର କଲେ ସମୀକ୍ଷା

ମାଲକାନଗିରି, (ପି.ଏନ): ୫-ଟି ସଚିବ ଭିକେ ପାଣ୍ଡିଆନ, ସ୍ୱତନ୍ତ୍ର ସଚିବ ଆର ଭିନିଲ କ୍ରିଷ୍ଣା, ଉନ୍ନୟନ ସଚିବ ଅନୁ ଗର୍ଗ ମାଲକାନଗିରି ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆଜି ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ ସହ ସମୀକ୍ଷା କରିଛନ୍ତି । ଆଜି ଅପରାହ୍ନରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପ୍ରଥମେ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକରେ ପହଂଚିବା ପରେ ଶିବସାଗର ଯାଇ ସେଠାରେ ଶିବସାଗର, ମଧ୍ୟମ ଜଳସେଚନ ପ୍ରକଳ୍ପର ମ୍ୟାପ ଦେଖି ଉନ୍ନତିକରଣ ସମୀକ୍ଷା କରିଥିଲେ । ଏହା ବ୍ୟତୀତ ପ୍ରସ୍ତାବିତ ଜୟପୁର ମାଲକାନଗିରି ରେଳ ଲାଇନ ଓ ସପ୍ତଧାରା ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟର ଅଗ୍ରଗତି କରିବା ଲାଗି ନିର୍ଦ୍ଦେଶ ଦେଇ ସମୀକ୍ଷା କରିଥିଲେ । ଏହାପରେ କଲ୍ୟାଣ ମଣ୍ଡପଠାରେ ସାଧାରଣ ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସବୁଧର୍ମର ପ୍ରାର୍ଥନା ପୀଠ, ମନ୍ଦିର, ମସଜିଦ, ଗୀର୍ଜା ପାଇଁ ଅନୁଦାନ ଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ । ଅପରାହ୍ନରେ ଖଇରପୁଟ ବ୍ଲକସ୍ଥ ମୁଦୁଲିପଡା ବଣ୍ଡା ଘାଟିକୁ ହେଲିକପ୍ଟରରେ ଯାଇଥିଲେ । ପବିତ୍ର ସୀତାକୁଣ୍ଡ ପରିଦର୍ଶନ କରି ସୀତା କୁଣ୍ଡର ଉନ୍ନତିକରଣ ସହ ବଣ୍ଡାଘାଟି ଉନ୍ନତିକରଣର ସମୀକ୍ଷା କରି ବଣ୍ଡା ସମ୍ପ୍ରଦାୟର ମୁଖିଆ ମାନଙ୍କ ସହ ଦୁଃଖ ସୁଖ ହେବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ତା''ପରେ ଚିତ୍ରକୋଣ୍ଡା ବ୍ଲକସ୍ଥ ସ୍ୱାଭିମାନ ଅଂଚଳ ହନ୍ତଳଗୁଡ଼ା ବିଏସଏଫ କ୍ୟାମ୍ପରେ ହେଲିକପ୍ଟର ଯୋଗେ ସନ୍ଧ୍ୟାରେ ପହଂଚି ହନ୍ତାଳଗୁଡା ଭିୟୁ ପଏଂଟର ନିର୍ମାଣ ଅନୁଧ୍ୟାନ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି । ସନ୍ଧ୍ୟାରେ ବିଏସଏଫ କ୍ୟାମ୍ପ ଏବଂ ବଡ଼ପଡାରେ ଥିବା ଏଜୁକେସନ କମ୍ପ୍ଲେକ୍ସ ପରିଦର୍ଶନ କରିଛନ୍ତି । ବୁଧବାର ମଧ୍ୟ ଫାଇଭ-ଟି ସଚିବଙ୍କ ଗୁରୁପ୍ରିୟା ସେତୁ, ଚିତ୍ରକୋଣ୍ଡା, କାଲିମେଳା ଓ ମୋଟୁ ଅଂଚଳ ଗସ୍ତ କରି ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପର ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି । ସଚିବଙ୍କ ସହ ଜିଲ୍ଲାପାଳ ବିଶାଲ ସିଂ, ଏସପି ନିତେଶ ୱାଧନୀ, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାଏକ, ପିଏଆଇଟିଡିଏ ତ୍ରିନାଥ ମାଝୀ, ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ଉପଜିଲ୍ଲାପାଳ ଅକ୍ଷୟ କୁମର ଖେମୁଣ୍ଡୁ, ବିଡ଼ିଓ, ତହସିଲଦାର ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ୫-ଟି ସଚିବଙ୍କ ଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଆଦିବାସୀ ମହିଳାମାନେ ଫୁଲ ଚନ୍ଦନ ଦେଇ ବନ୍ଦାପନା କରି ନିଜ ନିଜ ପାରମ୍ପରିକ ନୃତ୍ୟ ସଙ୍ଗୀତ ମାଧ୍ୟମରେ ଗାଁ ଭିତରକୁ ପାଛୋଟି ନେଇଥିଲେ ।




# ବିଂଶତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ ୨୦୨୩ ଉଦଯାପିତ

ପାରାଦୀପ,(ପି.ଏନ): ପାରାଦୀପ ର ଜୟଦେବ ସଦନ ଠାରେ ଚାଳିତ ମାର୍ଚ୍ଚ ୧୯ ତାରିଖରୁ କ୍ୟାନମାସ ପକ୍ଷରୁ ଆରମ୍ଭ ହୋଇଥିବା ଜାତୀୟ ନାଟ୍ୟ ମହୋତ୍ସବ 'କ୍ୟାନଫେଷ୍ଟ-୨୦୨୩' ମାର୍ଚ୍ଚ ୨୮ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ଦଶ ଦିନ ବ୍ୟାପି ମହୋତ୍ସବ ରେ ଓଡିଶା ସମେତ ଦେଶର ବିଭିନ୍ନ ପ୍ରତିଷ୍ଠିତ ନାଟ୍ୟ ସଂସ୍ଥା ଓ କଳାକାର ମାନେ ସେମାନଙ୍କର ଉଚ୍ଚକୋଟିର ନାଟ୍ୟ କଳା ପ୍ରଦର୍ଶନ ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା । ଉଦଯାପନୀ ସନ୍ଧ୍ୟାରେ ବିହାର ରାଜ୍ୟର ପାଟନା ର ନିର୍ମାଣ କଳା ମଞ୍ଚ ପକ୍ଷରୁ ସଞ୍ଜୟ ଉପାଧ୍ୟାୟ ନିର୍ଦ୍ଦେଶିତ ହିନ୍ଦୀ ଭାଷୀ ନାଟକ 'ଆନ୍ଧି କି ହାତୀ' ପରିବେଷଣ କରାଯାଇଥିଲା କ୍ଷ ଏହି ଅନ୍ତିମ ସନ୍ଧ୍ୟାରେ ପାରାଦୀପ ପ୍ରଖ୍ୟାତ ନାଟ୍ୟ ନିର୍ଦ୍ଦେଶକ ସଞ୍ଜୟ ଉପାଧ୍ୟାୟ, କଳିଙ୍ଗ ଇଣ୍ଟରନ୍ୟାସନାଲ କୋଲ ଟର୍ମୀନାଲ, ପାରାଦୀପ ମୁଖ୍ୟ ବି.କେ.ଯୋଶୀ, ବରିଷ୍ଠ ସାମ୍ବାଦିକ ବିଜୟ କେତନ ମିଶ୍ର, ସ୍ତମ୍ଭକାର ଚିନ୍ମୟ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀର୍ଘ ୨୦ ବର୍ଷ ଧରି ଏହି ଜାତୀୟ ନାଟକ ମହୋତ୍ସବ ସଫଳତାର ସହ ଆୟୋଜନ କରି ପାରିଥିବାରୁ କ୍ୟାନମାସ ଅନୁଷ୍ଠାନକୁ ଧନ୍ୟବାଦ ଜଣାଇବା ସହ ଏହି ମହୋତ୍ସବ ଜାତୀୟ ନାଟ୍ୟ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ । ତେବେ ଏହି କାର୍ଯ୍ୟକ୍ରମ କୁ କ୍ୟାନମାସ ଅନୁଷ୍ଠାନର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ସଭାପତି ଅତୁଲ୍ୟ କୁମାର ମହାପାତ୍ର ଓ ସମସ୍ତ ସଦସ୍ୟ ଓ ସଦସ୍ୟା ଏଥିରେ ସହଯୋଗ କରିଥିଲେ ।

# ଆରେ ଢମଣା, ବୁଲି ବୁଲି କରି ସେଇ ଅଗଣା : ବିଜେଡ଼ି ନେତାଙ୍କ 'ଜୟ ଜଗନ୍ନାଥ' ଧ୍ୱନୀ ଉପରେ ପ୍ରଦେଶ କଂଗ୍ରେସର ପ୍ରତିକ୍ରୀୟା



ଭୁବନେଶ୍ୱର ,(ପି.ଏନ): ସାମାଜିକ ଗଣମାଧ୍ୟମରେ ବିଜେଡ଼ି ନେତୃବୃନ୍ଦ ତଥା ମୁଖ୍ୟମନ୍ତ୍ରୀଙ୍କ ନ୍ତଜୟ ଜଗନ୍ନାଥନ୍ତ ଧ୍ୱନୀ ଉପରେ ପ୍ରଦେଶ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ଆଜି ଅପରାହ୍ନରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ତଥା ରାଜ୍ୟ କଂଗ୍ରେସ ସେବାଦଳର ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରତିକ୍ରୀୟାରେ କହିଛନ୍ତି ଯେ ଗତ କିଛିଦିନ ତଳେ ରାଜ୍ୟ ବିଜେଡ଼ି ଦଳ ନିଜ ନେତାଙ୍କ ଉପରୁ ଭରଷା ତୁଟାଇ ଦଳର ନିର୍ବାଚନ ସଂକେତ ତାଙ୍କର ଗର୍ବ ବୋଲି ଧ୍ୱନି ଦେଇ ଗଣମାଧ୍ୟମକୁ ପ୍ରକମ୍ପିତ କଲେ । ଏବେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ ହୋଇଛି ଜୟ ଜଗନ୍ନାଥ ଧ୍ୱନି, ଭଲ କଥା ଆମେ ସ୍ୱାଗତ କରୁଛୁ । କିନ୍ତୁ ୨୩ ବର୍ଷ ଶାସନପରେ ଓଡ଼ିଆ ଜାତିର ଆରାଧ ଦେବତାଙ୍କ କଥା ମୁଖ୍ୟମନ୍ତ୍ରୀଙ୍କ ମନେ ପଡ଼ିଲା ? ଓଡ଼ିଶା କଂଗ୍ରେସ ଦଳର ସଭାପତି ମନୋନୟନ ପରେ ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ପ୍ରଥମ ନବସଂକଳ୍ପ ସମାବେଶରେ ଆହ୍ୱାନ ଦେଇ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାଙ୍କୁ ବାର୍ତ୍ତା ଦେଇଥିଲେ ଯେ ଆମେ ସର୍ବଧର୍ମ ସମନ୍ୱୟରେ ବିଶ୍ୱାସ କରୁ । କିନ୍ତୁ ଓଡ଼ିଆ ଜାତିର ଠାକୁର ଆମର ନେତା ପଣ୍ଡିତ ଗୋପବନ୍ଧୁଙ୍କ ଭାଷାରେ ନ୍ତଉତ୍କଳେ ନେତାର ନାହିଁ ପ୍ରୟୋଜନ ଉତ୍କଳର ନେତା ସ୍ୱୟଂ ନାରାୟଣନ୍ତ ଏଣୁ ସମସ୍ତ କଂଗ୍ରେସ କର୍ମକର୍ତ୍ତା ସଭାର ଆରମ୍ଭରେ ଜୟ ଜଗନ୍ନାଥ ଧ୍ୱନି ଦେବାକୁ ଆହ୍ୱାନ ଦେଇଥିଲେ । ସେହି ପଥକୁ ଆଜି ମୁଖ୍ୟମନ୍ତ୍ରୀ ବାଛି ନେଇଛନ୍ତି । ବିଗତ ଦିନମାନଙ୍କରେ ଯେଉଁମାନେ ପ୍ରଭୁ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ତା ସହ ସଂଲଗ୍ନ ମଠ ମନ୍ଦିର ସଂସ୍କୃତିକୁ ଧ୍ୱଂସ କରିଦେଇଛନ୍ତି ସେହି ମାନଙ୍କ ମୁହଁରେ ଆଜି ଜୟ ଜଗନ୍ନାଥ ଧ୍ୱନି ସଇତାନର ବେଦପାଠ ଭଳି ଲାଗୁଛି । ଓଡ଼ିଶାବାସୀଙ୍କ ଆରାଧ ଦେବତାଙ୍କ ରତ୍ନଭଣ୍ଡାର ଚାବି ମିଳିଲା ନାହିଁ, ତା ଉପରେ ଯେଉଁଳି ପ୍ରହେଳିକା ସୃଷ୍ଟି କରାଗଲା ଏବେ ମଧ୍ୟ ସାଢ଼େ ଚାରିକୋଟି ଓଡ଼ିଆ ସଂଦେହ ଘେରରେ ଅଛନ୍ତି । ରତ୍ନ ଭଣ୍ଡାର ଖୋଲାଯାଇ ରତ୍ନର ହିସାବ ସମସ୍ତ ଦାବି ସତ୍ତ୍ୱେ ଆଜିପର୍ଯ୍ୟନ୍ତ ହୋଇପାରିଲା ନାହିଁ । ପର୍ଯ୍ୟଟନର ବିକାଶ ନାମରେ ଆଧ୍ୟାତ୍ମ୍ୟ ଭାବନାପ୍ରତି କୁଠାରଘାତ କରୁଥିବା ସରକାର ସୌନ୍ଦର୍ଯ୍ୟ କରଣ ନାମରେ ଗତ ଦୁଇବର୍ଷ ହେବ ଶହ ଶହ କୋଟି ଟଙ୍କାରେ କଂଟ୍ରାକ୍ଟରଙ୍କୁ ପୋଷାଚାଲିଛି । ପ୍ରଭୁ ସବୁ ଦେଖୁଛନ୍ତି, ମଣିଷର ମୃତ୍ୟୁ ପାଖେଇ ଆସିଲେ, ମଣିଷ ପ୍ରଭୁଙ୍କ ଶରଣାପନ୍ନ ହୁଏ । ବିଜେଡ଼ିର ସର୍ବସ୍ୱଙ୍କର ସେହି ଅବସ୍ଥା ଆସିଯାଇଛି । ପ୍ରଭୁ ତାଙ୍କ ସହାୟ ହୁଅନ୍ତୁ । ବିମଳ ପ୍ରଶନ୍ନ ଦାସ କମିଶନଙ୍କ ନାମରେ ଦ୍ୱାହି ଦେଇ କାର୍ଯ୍ୟକରୁଥିବା ସରକାର କମିଶନଙ୍କ ପ୍ରକୃତ ରିପୋର୍ଟକୁ ଯଥାଶୀଘ୍ର ସାର୍ବଜନୀନ କରିବା ସହ ପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲିବା କାର୍ଯ୍ୟଟି ତୁରନ୍ତ କରନ୍ତୁ ବୋଲି କଂଗ୍ରେସ ଦଳ ଦୃଢ଼ ଦାବି କରୁଛି । ଆଜିର ଏହି ସାମ୍ବଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ସର୍ବଶ୍ରୀ ମନୋରନ ଦାଶ, ରଜନୀ ମହାନ୍ତି, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray